# ବୀମା କର୍ମଚାରୀ
BIMA KARMACHARI

QUARTERLY JOURNAL OF CDIEA, SDLIEA, BDIEA, BDLIEA & OSGIEA

ଏକାଦଶ ବର୍ଷ | ପ୍ରଥମ ସଂଖ୍ୟା | ଜାନୁଆରୀ ୨୦୧୪



**ଉପଦେଷ୍ଟା ମଣ୍ଡଳୀ**

ଗଜେନ୍ଦ୍ର ନାଥ ମହାନ୍ତି
ରବିନାରାୟଣ ମଲ୍ଲିକ୍
ସତ୍ୟବ୍ରତ ଦତ୍ତଗୁପ୍ତ
ରାଜୀବ ଲୋଚନ ଦାଶ
ନୀଳ ମାଧବ ରଥ
ଚନ୍ଦ୍ର ମୋହନ ହାଇବ୍ରୁ
ନୃସିଂହ ଚରଣ ପଣ୍ଡା

●

**ସମ୍ପାଦନା ମଣ୍ଡଳୀ**

ମାନଗୋବିନ୍ଦ ବାରିକ
ତ୍ରିନାଥ ଦୋରା
ଅମୂଲ୍ୟ ପ୍ରସାଦ ମେହେର
ସୁନାକର ଶତପଥୀ
କୃଷ୍ଣଚନ୍ଦ୍ର ବେହେରା
ଅଭୟ କୁମାର ଦାସ

●

**ସଂପାଦକ**

ସନ୍ତୋଷ କୁମାର ମହାପାତ୍ର

●

**ପରିଚାଳକ**

ସଚ୍ଚିଦାନନ୍ଦ ବେହେରା

●

**ସହକାରୀ ପରିଚାଳକ**

ପ୍ରଭାତ କୁମାର ବେହେରା

●

**ଯୋଗାଯୋଗ**

ସତ୍ୟବ୍ରତ ଦତ୍ତଗୁପ୍ତ
☎: 9437273225


**ଏହି ସଂଖ୍ୟାରେ...**


- ବିକଳ୍ପ ଖୋଜୁଛନ୍ତି
- ନେଲସନ୍ ମାଣ୍ଡେଲା
- ସଙ୍କଟରେ ଚାଷୀ
- ଧନ୍ୟ ଏଲ୍.ଆଇ.ସି
- ବିଶ୍ୱ ଅର୍ଥନୈତିକ ମଞ୍ଚ
- ରାଷ୍ଟ୍ର ଓ ଅନ୍ଧବିଶ୍ୱାସ
- ଆମେ ନାଉରୀ
- ଶିଶୁ ଅଧିକାର
- ପୁଞ୍ଜିପତି ବନାମ
- ଆମ ମଜୁରୀ ବୃଦ୍ଧି
- ବାତ୍ୟା ପରେ ବନ୍ୟା
- ଆର୍ଥିକ କ୍ଷେତ୍ର ସଂସ୍କାର
- ଗୋଏବେଲ-ମୋଦି


*ସଂପାଦକୀୟ.........................*

## ଜନତା ବିକଳ୍ପ ଖୋଜୁଛନ୍ତି

ସମ୍ପ୍ରତି ଦିଲ୍ଲୀ ବିଧାନସଭା ନିର୍ବାଚନରେ ଆମ ଆଦମୀ ପାର୍ଟି (ଆପ୍)ର ଅବିଶ୍ୱସନୀୟ ବିଜୟ କେବଳ ଭାରତର ରାଜନୈତିକ ଦୃଶ୍ୟ ପଟ୍ଟରେ କମ୍ପନ ସୃଷ୍ଟି କରିନି , ବରଂ ଦେଶବାସୀଙ୍କ ମନରେ ଏକ ନୂତନ ଆଶାର ଆଲୋକ ସଞ୍ଚାର କରିଛି । ବିନା ଅର୍ଥ ଓ ବାହୁବଳରେ ନିର୍ବାଚନ ଜିତିବା ଅସମ୍ଭବ ବୋଲି ଅନେକ ବୁଦ୍ଧିଜୀବୀମାନେ ଯାହା ପ୍ରଚାର କରୁଥିଲେ ତାହା କେତେକାଂଶରେ ଭୁଲ୍ ପ୍ରମାଣିତ ହୋଇଛି । **ସର୍ବୋପରି ଭୋଟରମାନେ କଂଗ୍ରେସ ଓ ବିଜେପି ବ୍ୟତିରେକ ଆଉ ଏକ ବିକଳ୍ପ ଖୋଜୁଛନ୍ତି ବୋଲି ଦିଲ୍ଲୀ ନିର୍ବାଚନ ଫଳାଫଳରୁ ଜଣାପଡୁଛି** । ଯେପରି କୋଟି କୋଟି ଜନତା, ଅନେକ ବୁଦ୍ଧିଜୀବୀ, ଏପରିକି ଅନେକ ରାଜନେତାମାନେ ଆମ ଆଦମୀ ପାର୍ଟି (ଆପ୍)ର ଏହି ବିଜୟରେ ଭାବ ବିହ୍ୱଳ , ଉଲ୍ଲସିତ ହୋଇ ପରିବର୍ତ୍ତନର ଯୁଗ ଆରମ୍ଭ ହେଲା, ଦୁର୍ନୀତି, ଲୁଣ୍ଠନ ସମ୍ପୂର୍ଣ୍ଣ ବିଲୋପ ହୋଇଯିବ ବୋଲି ଅତ୍ୟଧିକ ବା ଅହେତୁକ ଆଶାବାଦୀ ହୋଇପଡ଼ିଛନ୍ତି , ଆମେ ସେପରି ଅବାସ୍ତବ ଆଶାବାଦୀ ନୋହୁଁ । କିନ୍ତୁ ନିରାଶବାଦୀ ମଧ ନୋହୁଁ । ମନୁଷ୍ୟର ନିଜ ବ୍ୟକ୍ତିଗତ ଚରିତ୍ର ଓ ଚିନ୍ତାଧାରାରେ ପରିବର୍ତ୍ତନ ନ ଘଟିବା ଯାଏ ପରିବର୍ତ୍ତନ ସମ୍ଭବ ନୁହେଁ । ଯଦି ବି କିଛି ଭଲ ପରିବର୍ତ୍ତନର ସ୍ୱର ଶୁଭେ ତାହା ସବୁଦିନ ବଜାୟ ରଖିବା ସମ୍ଭବ ନୁହେଁ ଯାହାର ମୂକ ସାକ୍ଷୀ ଇତିହାସ । ଅବଶ୍ୟ ନେତୃତ୍ୱର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ।

କେଜ୍ରିୱାଲ ଅଳ୍ପ ଦିନ ମଧ୍ୟରେ ଯାହା କରି ଦେଖାଇଛନ୍ତି ତାହା ନିଶ୍ଚିନ୍ତ ପ୍ରଶଂସାଯୋଗ୍ୟ ଏବଂ ଅନୁକରଣୀୟ । ଉଲ୍ଲେଖଯୋଗ୍ୟ ଯେ ସରକାର ଗଠନ କରିବାର ୪୮ ଘଣ୍ଟା ମଧ୍ୟରେ ଆମ ଆଦମୀ ପାର୍ଟି ତାର ଦୁଇ ପ୍ରମୁଖ ନିର୍ବାଚନ ପ୍ରତିଶ୍ରୁତି ପାଳନ କରି କଂଗ୍ରେସ ଓ ଭାଜପାକୁ ଆଉ ଦୁଇ ପାଦ ତଳକୁ ଠେଲି ଦେଇଛି । ମୋଦିଙ୍କୁ ପ୍ରଧାନମନ୍ତ୍ରୀ କରିବାର ଭାଜପାର ପ୍ରଚେଷ୍ଟା ତଥା ସ୍ୱପ୍ନରେ ଟିକେ ଝଟକା ଲାଗିଛି । ପ୍ରତିଶ୍ରୁତି ଅନୁଯାୟୀ ଜାନୁଆରୀ ପହିଲା ଠାରୁ ପରିବାର ପିଛା ଦୈନିକ ୬୬୭ ଲିଟର ପାନୀୟ ଜଳ ମାଗଣା ଯୋଗାଇ ଦିଆଯାଇଛି । ପୁନଶ୍ଚ ମାସିକ ୪୦୦ ପର୍ଯ୍ୟନ୍ତ ବିଦ୍ୟୁତ ୟୁନିଟ୍ ବ୍ୟବହାର କରୁଥିବା ଉପଭୋକ୍ତା ମାନେ ସ୍ୱାଭାବିକ ଶୁଳ୍କ ଉପରେ ଅଧା ରିହାତି ପାଇବେ । ଏହି ଦୁଇଟି ସିଦ୍ଧାନ୍ତ ନିଶ୍ଚୟ ସ୍ୱାଗତଯୋଗ୍ୟ କିନ୍ତୁ ଏହାକୁ ଅନେକ ରାଜନେତା, ତଥାକଥିତ ବୁଦ୍ଧିଜୀବୀ, କର୍ପୋରେଟ ଏବଂ ସେମାନଙ୍କ ନିୟନ୍ତ୍ରିତ ଗଣମାଧ୍ୟମ ମାନେ ବିରୋଧ କରିଛନ୍ତି । **ଯଦି ଜଣଙ୍କର ଭଲ କାର୍ଯ୍ୟକୁ ପ୍ରଶଂସା ନ କରିବା ତେବେ ଜଣେ ଭଲ କାର୍ଯ୍ୟ କରିବାକୁ କାହିଁକି ଆଗ୍ରହ ପ୍ରକାଶ କରିବ ?**

ଆରୋପ ହେଉଛି ଯେ ଏପରି ରିହାତି ପପୁଲିଷ୍ଟ ପଦକ୍ଷେପ ଏବଂ ଅର୍ଥନୀତିର ପରିପନ୍ଥୀ ଏବଂ ବିତ୍ତୀୟ ନିଅଣ୍ଟକୁ ବୃଦ୍ଧି କରିବ । ବାସ୍ତବରେ ଆମ ଦେଶରେ ଉଦାରୀକରଣ ନୀତି କାର୍ଯ୍ୟକାରୀ ହେବାଠାରୁ ଯଦି ଗରିବ , ସାଧାରଣ ଜନତାଙ୍କ ପାଇଁ କିଛି କାର୍ଯ୍ୟକ୍ରମ ନିଆଗଲା ବା କିଛି ସହାୟତା ବା ସବ୍‌ସିଡ଼ି ଦିଆଗଲା ତେବେ ତାହାକୁ ପପୁଲିଷ୍ଟ କହି ସମାଲୋଚନା କରାଯାଉଛି । ଅପରପକ୍ଷରେ ଯେତେବେଳେ ପୁଞ୍ଜିପତି , ଶିଳ୍ପପତି ଓ ଧନୀକ ଶ୍ରେଣୀ ମାନଙ୍କୁ ଲକ୍ଷ ଲକ୍ଷ କୋଟି ଟଙ୍କାର ଟିକସ ଛାଡ଼ କରାଗଲା ତେବେ ତାହାକୁ ସଂସ୍କାରଧର୍ମୀ , ଆର୍ଥିକ ଅଭିବୃଦ୍ଧିକୁ ସହାୟକ କହି ପ୍ରୋତ୍ସାହନ ଦିଆଯାଉଛି । ଭାରତ ପରି ଏକ ଜନମଙ୍ଗଳ ରାଷ୍ଟ୍ରରେ ଏହାଠାରୁ କ'ଣ ଅଧିକ ବିଡ଼ମ୍ବନା ହୋଇପାରେ ? ଉଲ୍ଲେଖଯୋଗ୍ୟ ଯେ କେବଳ ୨୦୧୨-୧୩ ଆର୍ଥିକ ବର୍ଷରେ ବିଭିନ୍ନ ରିହାତି ଯୋଗୁଁ ଟ୍ୟାକ୍ସ ଫରଗନ୍ ( ଯାହା ଆଦାୟ ହେବା କଥା କିନ୍ତୁ ରିହାତି ଯୋଗୁଁ ହୋଇପାରେନା) ପରିମାଣ ମୋଟ ୫.୭୩ ଲକ୍ଷ କୋଟି ଟଙ୍କା । ଯାହା ସେ ବର୍ଷର ବିତ୍ତୀୟ ନିଅଣ୍ଟ ଠାରୁ ଅଧିକ । ଆହୁରି ମଧ ଉଦାରୀକରଣ ନୀତିର ସମର୍ଥକମାନେ କେଜରିୱାଲଙ୍କ ସିଦ୍ଧାନ୍ତକୁ ରିଗ୍ରେସିଭ ବା ପ୍ରତିଗାମୀ ଦର୍ଶାଇଛନ୍ତି । ତାଙ୍କ ମତରେ ୨୦ ବର୍ଷର ଆର୍ଥିକ ସଂସ୍କାର ଦ୍ୱାରା ପୋତି ଦିଆଯାଇଥିବା ମାର୍କସବାଦ, ଲେଲିନବାଦ ବା ବାମପନ୍ଥୀ ନୀତିର ପୁନରୁଥାନ ପାଇଁ କେଜରିୱାଲ୍ କାର୍ଯ୍ୟ କରୁଛନ୍ତି ଯାହା ଅନେକ ଦୁଃଖ , ଦୁର୍ଦ୍ଦଶା, ଅଭାବ, ଅସୁବିଧା ଓ ଅରାଜକତା ସୃଷ୍ଟି କରିଥିଲା । ଫଳରେ ମୁକ୍ତ ବଜାର ଅର୍ଥନୀତି ଦ୍ୱାରା ଯାହା ବି ଲାଭ ହୋଇଛି ତାହା ଲୋପ ପାଇବ । ବାସ୍ତବ କଥା ଯେଉଁ ପୁଞ୍ଜିବାଦୀ ଦେଶରେ ଏହି ମୁକ୍ତ ବଜାର ଅର୍ଥନୀତି ସୃଷ୍ଟି ହୋଇଛି ସେହି ଦେଶରେ ଏହା ସମ୍ପୂର୍ଣ୍ଣ ବିଫଳ ହୋଇଛି । ତାହା ସେହି ଦେଶର ଅର୍ଥନୀତିଜ୍ଞ ଓ ବୁଦ୍ଧିଜୀବୀମାନେ କହୁଛନ୍ତି । ବିଶ୍ୱ ବିଖ୍ୟାତ ଅର୍ଥନୀତିଜ୍ଞ ତଥା ନୋବେଲ ବିଜେତା ଯୋଶେଫ୍ ଷ୍ଟିଗଲିଜ୍‌ଙ୍କ ମତରେ ବିଶ୍ୱ ଆର୍ଥିକ ସଂକଟ ୨୦୦୮ର ମୁଖ୍ୟ କାରଣ ହେଉଛି ମୁକ୍ତ ବଜାର ଅର୍ଥନୀତି । ବାସ୍ତବରେ ବାଘ ଓ ହରିଣକୁ ଯଦି ସ୍ୱାଧୀନ ଭାବେ ଛାଡ଼ିଦେଲେ ହରିଣର ଯାହା ଅବସ୍ଥା ହୋଇଥାଏ , ମୁକ୍ତ ବଜାର ଅର୍ଥନୀତିରେ ବିକାଶଶୀଳ ଦେଶ ତଥା ଗରିବ ଓ ସାଧାରଣ ଜନତାଙ୍କ ଅବସ୍ଥା ସେଇୟା ହିଁ ହୋଇଛି । ଆଉ ଯେଉଁମାନେ ବାମପନ୍ଥୀ ଚିନ୍ତାଧାରାକୁ ସମାଲୋଚନା କରୁଛନ୍ତି ସେମାନେ ପାହାଡ଼କୁ ଟେକା ପକାଉଛନ୍ତି । ଏହି ଚିନ୍ତାଧାରା ଯାହା ମାର୍କସଙ୍କ ତତ୍ତ୍ୱ ଉପରେ ପର୍ଯ୍ୟବେସିତ ତାହା ବିଶ୍ୱର ସର୍ବଶ୍ରେଷ୍ଠ ତତ୍ତ୍ୱ । କାରଣ ଏହା ମଣିଷକୁ ଶୋଷଣ , ଲୁଣ୍ଠନ ବିରୁଦ୍ଧରେ ଲଢ଼େଇ କରି ଏକ ସମାଜବାଦ ପ୍ରତିଷ୍ଠା ପାଇଁ ପ୍ରେରଣା ଦେଇଥାଏ ।

ସେ ଯାହା ହେଉ କେଜ୍ରିୱାଲ ଯେତିକି ଜନପ୍ରିୟ ହେବେ ତାଙ୍କ ସଭ୍ୟ ସଂଖ୍ୟା ସେତିକି ବୃଦ୍ଧି ପାଇବ , ତାଙ୍କ ଦାୟିତ୍ୱ ସେତିକି କଷ୍ଟକର ହେବ। କାରଣ ସବୁ ନେତା ଓ କର୍ମୀଙ୍କ ମଧ୍ୟରେ ସଚ୍ଚୋଟତା , ସାଧୁତା ବଜାୟ ରଖିବା ଅସମ୍ଭବ । **କ୍ଷମତାର ସ୍ୱାଦ ଚାଖିଲା ପରେ ଅଧିକାଂଶ ମଣିଷଙ୍କର ଆଚାର , ବ୍ୟବହାରରେ ଅନେକ ପରିବର୍ତ୍ତନ ଘଟିଥାଏ । ମଣିଷ ଅତୀତକୁ ଭୁଲିଯାଏ । ଉପଭୋଗକୁ ପ୍ରାଧାନ୍ୟ ଦିଏ ।** ଆପ୍ ନେତାମାନେ ଏଥିରୁ କେତେ ମୁକ୍ତ ରହିବେ ତାହା ସମୟ ହିଁ କହିବ ?କେଜ୍ରିୱାଲଙ୍କୁ ମଧ ଏକ ସଂଘୀୟ ବ୍ୟବସ୍ଥାର ଆଇନ ମଧ୍ୟରେ କାର୍ଯ୍ୟ କରିବାକୁ ପଡ଼ିବ । ବିଶ୍ୱ ଲଗାଣପୁଞ୍ଜି , ଦେଶୀୟ ତଥା ବହୁରାଷ୍ଟ୍ରୀୟ କମ୍ପାନୀ ମାନଙ୍କର ଚାପ ରହିବ ଯେଉଁମାନେ ତାଙ୍କ ସ୍ୱାର୍ଥରେ ଆଘାତ ଆସିଲେ ଏକ ନିର୍ବାଚିତ ସରକାରକୁ ଗାଦିଚ୍ୟୁତ କରିବାର ଅନେକ ଦୃଷ୍ଟାନ୍ତ ରହିଛି । କେବଳ ସେତିକି ନୁହେଁ ଅଧିକାଂଶ ବ୍ୟକ୍ତିଙ୍କ ଇଚ୍ଛା ସେମାନେ ଓ ତାଙ୍କ ପରିବାର ସମ୍ପର୍କୀୟମାନେ କଳେ ବଳେ କୌଶଳେ ଧନୀ ହୁଅନ୍ତୁ, ଆନନ୍ଦରେ ରୁହନ୍ତୁ , ବିଳାସମୟ ଜୀବନ ଯାପନ କରନ୍ତୁ କିନ୍ତୁ ଅନ୍ୟ ସମସ୍ତେ ତ୍ୟାଗ , ସେବା , ସାଧୁତା ଓ ସଚ୍ଚୋଟତାର ପ୍ରତୀକ ହୁଅନ୍ତୁ । ଏପରି ଚିନ୍ତାଧାରାରେ ପରିବର୍ତ୍ତନ ନ ଆସିଲେ ଏକ ସ୍ଥାୟୀ ପରିବର୍ତ୍ତନ ଆଶା କରିବା କଷ୍ଟକର । ତଥାପି ଆଶାରେ ମଣିଷ ବଞ୍ଚିଥାଏ । **ଭଲ ଆଶା କରିବା ଏବଂ ଭଲ କାର୍ଯ୍ୟକୁ ପ୍ରଶଂସା ତଥା ସମର୍ଥନ କଲେ ନିଶ୍ଚୟ କିଛି ପରିବର୍ତ୍ତନ ଆସିବ ।**

*ଅଭିନନ୍ଦନ ସହ*

**ସନ୍ତୋଷ କୁମାର ମହାପାତ୍ର**



# ତ୍ୟାଗ ଓ ସଂଗ୍ରାମର ଅନ୍ୟ ନାମ ନେଲସନ୍ ମାଣ୍ଡେଲା

ସତ୍ୟବ୍ରତ ଦତ୍ତଗୁପ୍ତ , ସଭାପତି, ସି.ଡ଼ି.ଆଇ.ଇ.ଏ.

‘ମୁଁ ଶ୍ୱେତାଙ୍ଗ ଆଧିପତ୍ୟ ବିରୁଦ୍ଧରେ ସଂଗ୍ରାମ କରିଛି । ମୋ ସଂଗ୍ରାମ କୃଷ୍ଣାଙ୍ଗ ଆଧିପତ୍ୟ ବିରୁଦ୍ଧରେ ମଧ୍ୟ । ମୋ ବୁକୁରେ ସଯତ୍ନେ ଧରିଛି ଏକ ଗଣତାନ୍ତ୍ରିକ ଓ ମୁକ୍ତ ସମାଜର ଚିନ୍ତାଧାରାକୁ , ଯେଉଁଠି ସମସ୍ତେ ଏକସାଙ୍ଗରେ ରହିପାରିବେ , ଯେଉଁଠି ଥିବ ସମ୍ପ୍ରୀତି , ସଂହତି ଏବଂ ସମାନ ସୁଯୋଗ ସୁବିଧା । ଏହି ଆଦର୍ଶରେ ପ୍ରତିପାଳିତ ହୋଇ ମୁଁ ବଞ୍ଚିରହିଛି ଏହାକୁ ଅର୍ଜନ କରିବା ପାଇଁ , କିନ୍ତୁ ଯଦି ଆବଶ୍ୟକ ହୁଏ, ତେବେ ଏହି ଆଦର୍ଶ ପାଇଁ ମୁଁ ଜୀବନ ଦେବାକୁ ମଧ୍ୟ ପ୍ରସ୍ତୁତ’ । ଏ ଥିଲା ୧୯୬୪ ଏପ୍ରିଲ୍ ୨୦ରେ ଅଦାଲତରେ ମୃତ୍ୟୁ ଦଣ୍ଡାଦେଶ ସାମନାରେ ବର୍ଣ୍ଣ ବିଦ୍ୱେଷୀ ବିରୋଧୀ ଆନ୍ଦୋଳନର ଅବିସମ୍ବାଦିତ ନେତା ରୋଲିହଲା ମାଣ୍ଡେଲାଙ୍କ ତେଜସ୍ୱୀ ଭାଷଣ । ଯାହା ବନ୍ଦରରୁ ଭାଷଣ ନାମରେ ପରିଚିତ ।

ନେଲସନ୍ ମାଣ୍ଡେଲା ଜୀବନର ଅଧିକାଂଶ ସମୟ କମ୍ୟୁନିଷ୍ଟ ଏବଂ ଟ୍ରେଡ୍ ଇଉନିୟନ କର୍ମୀମାନଙ୍କ ସହିତ ଗୋଟାଏ ଟ୍ରେଞ୍ଚରରେ ରହି ସଂଗ୍ରାମ କରିଛନ୍ତି । ପଞ୍ଚମ ଦଶନ୍ଧିରେ ସେ ସାଉଥ ଆଫ୍ରିକାନ୍ କଂଗ୍ରେସ ଅଫ୍ ଟ୍ରେଡ୍ ଇଉନିୟନସ୍ (ଏସ୍.ଏ.ସି.ଟି.ଇଉ)ର ନେତୃତ୍ୱରେ ଥିଲେ । କମ୍ୟୁନିଷ୍ଟ ପାର୍ଟିର ସମ୍ପାଦକ ବ୍ଲେଡ୍ ନିଜିମାନ୍ଦେ କହିଛନ୍ତି ‘ପ୍ରଥମେ ଆମକୁ ମାଣ୍ଡେଲାଙ୍କୁ ଜଣେ ବିପ୍ଳବୀ ହିସାବରେ ସ୍ୱୀକୃତି ଦେବାକୁ ହେବ । ବସ୍ତୁତଃ ବିଂଶ ଶତାବ୍ଦୀର ସବୁଠାରୁ ବଡ଼ ବିପ୍ଳବୀଙ୍କ ମଧ୍ୟରୁ ସେ ଥିଲେ ଅନ୍ୟତମ । ଦୁନିଆର ସବୁସ୍ତରର ମଣିଷ ତାଙ୍କୁ ପରମ ଶ୍ରଦ୍ଧା ଆଖିରେ ଦେଖୁଛନ୍ତି, ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ଠାରୁ ଆରମ୍ଭ କରି ଆମେରିକା ରାଷ୍ଟ୍ରପତି ଓବାମା ପର୍ଯ୍ୟନ୍ତ ଅନେକେ ମାଣ୍ଡେଲାଙ୍କୁ ‘ଦକ୍ଷିଣ ଆଫ୍ରିକାର ଗାନ୍ଧୀ’ ବୋଲି ଦେଖାଇବାର ଚେଷ୍ଟା କରିଛନ୍ତି । କିନ୍ତୁ କେହିବି ତାଙ୍କର ସଶସ୍ତ୍ର ଆନ୍ଦୋଳନର ସଂଗ୍ରାମୀ ଜୀବନ ବିଷୟରେ ଉଲ୍ଲେଖ କରିନାହାଁନ୍ତି । ମାଣ୍ଡେଲା ଥିଲେ , ଆଫ୍ରିକାନ୍ ନ୍ୟାଶନାଲ କଂଗ୍ରେସର ସଶସ୍ତ୍ର ଶାଖା ଉମଖୋନତୋ ଉଇ ସିଡ଼ିଉଇ (ଏମ୍.କେ. ଅଥବା ଜାତିର ବର୍ଶା)ର ସ୍ରଷ୍ଟା । ଗିରଫତାର ସମୟରେ ସେ ଥିଲେ ଦକ୍ଷିଣ ଆଫ୍ରିକାର କମ୍ୟୁନିଷ୍ଟ ପାର୍ଟିର କେନ୍ଦ୍ରୀୟ କମିଟି ସଦସ୍ୟ ।




**ଗାନ୍ଧୀଜୀଙ୍କ ପାଇଁ ଅହିଂସା ରାଜନୀତି ଥିଲା କିନ୍ତୁ ମାଣ୍ଡେଲାଙ୍କ ପାଇଁ ଏହା ଥିଲା ରଣକୌଶଳ । ସମସ୍ତେ କହିଛନ୍ତି , ମାଣ୍ଡେଲା ହେଉଛନ୍ତି ଶାନ୍ତି , ଭଲ ପାଇବା ଓ କ୍ଷମାର ପ୍ରତୀକ । କିନ୍ତୁ ଏହା ଥିଲା ତାଙ୍କ ଅକ୍ଳାନ୍ତ ଲଢ଼େଇର ଏକ ଅଂଶ** । ପଞ୍ଚମ ଦଶକାରମ୍ଭରେ ବର୍ଣ୍ଣ ବିଦ୍ୱେଷ ଆଇନ ମୁକାବିଲାର ଆନ୍ଦୋଳନ ଠାରୁ ଦକ୍ଷିଣ ଆଫ୍ରିକାର ପ୍ରତ୍ୟେକଟି ନାଗରିକର ଗଣତନ୍ତ୍ର ପାଇଁ ସଂଗ୍ରାମ କରି , ୧୯୫୬ରେ ରାଷ୍ଟ୍ରଦ୍ରୋହ ଅଭିଯୋଗରେ ମାମଲାର ସମ୍ମୁଖୀନ ହୋଇଥିଲେ । ତାଙ୍କର ଲକ୍ଷ୍ୟ ଥିଲା ସେତେବେଳେ ଦକ୍ଷିଣ ଆଫ୍ରିକାର ବର୍ଣ୍ଣବିଦ୍ୱେଷୀ ସରକାରର ପରିବର୍ତ୍ତନ । ମଣ୍ଡେଲାଙ୍କ ବିଭିନ୍ନ ଗାନ୍ଧିବାଦୀ ରଣକୌଶଳ ଉପରେ ସରକାର ଆହୁରି କଠୋର , ହିଂସ୍ର ହୋଇଉଠିଲେ । ଆଇନ ଦ୍ୱାରା ତାଙ୍କୁ ଦୋଷୀ ସାବ୍ୟସ୍ତ କଲେ । ୧୯୬୧ ରେ ମାଣ୍ଡେଲା ଏବଂ ତାଙ୍କର କେତେକ ସହଯୋଦ୍ଧା ବାଧ୍ୟ ହୋଇ ଅଣ୍ଡରଗ୍ରାଉଣ୍ଡ ହେଲେ । ଗିରଫ ହେବା ପୂର୍ବରୁ ବ୍ରିଟିଶ ସାମ୍ବାଦିକ ବ୍ରାୟାନ ଉଇଡ଼ଲେକଙ୍କୁ ଏକ ଗୋପନୀୟ ସାକ୍ଷାତକାରରେ ମାଣ୍ଡେଲା କହିଥିଲେ ‘ ସରକାର ଯଦି ଆମର ଅହିଂସା ଆନ୍ଦୋଳନକୁ ଶକ୍ତି ପ୍ରୟୋଗ କରି ଦବେଇ ଦେବାକୁ ଚାହେଁ , ତେବେ ଆମକୁ ବି ଆମର ରଣକୌଶଳ ଉପରେ ନୂତନ ଭାବରେ ଚିନ୍ତା ଭାବନା କରିବାକୁ ହେବ । **ମୋର ମନେ ହେଉଛି – ଅହିଂସା ଅଧ୍ୟାୟକୁ ଆମେ ଶେଷ କରିବାକୁ ଯାଉଛେ’** । ନଭେମ୍ବର ୧୯୬୧ରେ ଆଫ୍ରିକାନ୍ ନ୍ୟାଶନାଲ କଂଗ୍ରେସର ସଶସ୍ତ୍ର ଶାଖା – ଉମଖୋନତୋ ଉଇ ସିଜ୍ଉଇ ପ୍ରତିଷ୍ଠା କରାଗଲା । ମାଣ୍ଡେଲା ହେଲେ ଏହାର ପ୍ରଥମ ନେତୃତ୍ୱ । ପ୍ରିଟୋରିୟା ସୁପ୍ରିମକୋର୍ଟରେ ମାଣ୍ଡେଲା ବୀରଦର୍ପରେ କହିଥିଲେ, ‘ ଆମେ ଅନୁଭବ କଲୁ ଶ୍ୱେତାଙ୍ଗ ପ୍ରଭୁମାନଙ୍କ ନୀତି ବିରୁଦ୍ଧ ସଂଗ୍ରାମରେ ସାଫଲ୍ୟ ପାଇବାକୁ ହେଲେ ହିଂସାର ପଥ ଛଡ଼ା ଅନ୍ୟ କୌଣସି ପନ୍ଥା ନାହିଁ’ ।

ଉଲ୍ଲେଖଯୋଗ୍ୟ ଯେ ସେତେବେଳେ ଉମ୍ଖୋନତୋର ଲକ୍ଷ୍ୟ ଥିଲା ଦେଶର ଆର୍ଥିକ ନୀତି ଉପରେ ଆକ୍ରମଣ’ । ଯାହା ଫଳରେ ବିଦେଶୀ ବିନିଯୋଗ ଏବଂ ବାଣିଜ୍ୟ ବାଧା ପ୍ରାପ୍ତ ହେବ । ଏହାଛଡ଼ା ସରକାରଙ୍କ ବର୍ଣ୍ଣବିଦ୍ୱେଷର ନୀତି ଉପରେ ଆକ୍ରମଣ । ବିଦେଶରେ ସାମରିକ ପ୍ରଶିକ୍ଷଣ ପାଇଁ ଉମ୍ଖୋନତୋର କ୍ୟାଡରମାନଙ୍କୁ ପଠାଗଲା । ୧୧ ଜାନୁଆରୀ ୧୯୬୨ରେ ଡ଼େଭିଡ଼୍ ମୋତସାମାଇ ଛଦ୍ମନାମରେ ମାଣ୍ଡେଲା ଗୋପନରେ ଦକ୍ଷିଣ ଆଫ୍ରିକା ଛାଡ଼ିଲେ । ଆଫ୍ରିକା ତମାମ ବୁଲିଲେ – ଇଂଲଣ୍ଡ ଗଲେ । ଦେଶକୁ ଫେରି ଆସିବା ପରେ ତାଙ୍କୁ ଗିରଫ କରି ପ୍ରିଟୋରିୟାକୁ ନିଆଗଲା । ତାଙ୍କ ବିରୁଦ୍ଧରେ ଅଣାଗଲା – ବେଆଇନ ଭାବରେ ଦେଶ ଛାଡ଼ିବା ସହିତ କୃଷ୍ଣାଙ୍ଗ ଶ୍ରମିକଙ୍କୁ ଧର୍ମଘଟ ପାଇଁ ପ୍ରବର୍ତ୍ତାଇବାର ଅଭିଯୋଗ । ହିଂସା ମାଧ୍ୟମରେ ସରକାରର ପତନ କରିବାର ଦୋଷରେ ମାଣ୍ଡେଲାଙ୍କୁ ଅଭିଯୁକ୍ତ କରାଗଲା । ଅର୍ଥାତ୍ ତାଙ୍କ ବିରୋଧରେ ରାଜଦ୍ରୋହର ଅଭିଯୋଗ ଅଣାଗଲା ।

୧୯୬୪ , ଜୁନ୍ ୧୧ ତାରିଖ । ମାଣ୍ଡେଲା , ୱାଲଟର , ସିସୁଲ , ଡ଼େନିସ୍ ଗ୍ଲୋଡବର୍ଗ ସମେତ ଆଠ ଜଣ ଦୋଷୀ ସାବ୍ୟସ୍ତ ହେଲେ । ତହିଁ ପରଦିନ ଏମାନଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଗଲା । ଶ୍ୱେତାଙ୍ଗ ହୋଇଥିବାରୁ ଡେନିସଙ୍କୁ ପ୍ରିଟୋରିଆ କାରାଗାରଙ୍କୁ ପଠାଗଲା । ଅନ୍ୟମାନଙ୍କୁ ସେବେନ ଦ୍ୱୀପକୁ । ମାଣ୍ଡେଲାଙ୍କ ମାଆ ମୃତ୍ୟୁବରଣ କଲେ ୧୯୬୮ ମସିହାରେ । ତା'ପରେ ୧୯୬୯ ମସିହାରେ ତାଙ୍କ ବଡ଼ ପୁଅଙ୍କର ମୃତ୍ୟୁ ଘଟିଲା । ଏମାନଙ୍କ ଶେଷକୃତ୍ୟରେ ଯୋଗ ଦେବା ପାଇଁ ମଧ୍ୟ ଅନୁମତି ଦିଆଗଲା ନାହିଁ । କିନ୍ତୁ ମାଣ୍ଡେଲାଙ୍କ ମୁକ୍ତି ପାଇଁ ବିଶ୍ୱ ତମାମ ଆନ୍ଦୋଳନ ଯୋଗୁଁ ୧୯୯୦ ମସିହା ଫେବୃଆରୀ ୧୧ ତାରିଖରେ ତାଙ୍କୁ ମୁକ୍ତି ମିଳିଲା । ମୁକ୍ତି ପାଇବା ପରେ ବର୍ଣ୍ଣ ବିଦ୍ୱେଷୀ ସଂଖ୍ୟା ଲଘୁ ଶ୍ୱେତାଙ୍ଗ ଶାସନରେ ଅବସାନ ପାଇଁ ସରକାରଙ୍କ ସହିତ ମାଣ୍ଡେଲା ଆଲୋଚନା ଆରମ୍ଭ କଲେ । ୧୯୯୧ ମସିହାରେ ପ୍ରିୟ ବନ୍ଧୁ ଅସୁସ୍ଥ ଅଲିଭାର ଟାମ୍ବୋଙ୍କ ସ୍ଥାନରେ ଏ.ଏନ୍.ସି.ର ସଭାପତି ନିର୍ବାଚିତ ହେଲେ । ଦେଶ ଭିତର ସଂଗ୍ରାମ ଓ ଆନ୍ତର୍ଜାତୀୟ ସ୍ତରର ଚାପ ନିକଟରେ ନତସ୍ୱୀକାର କରି ପୁରୁଣା ସରକାର ନୂତନ ଭାବେ ଗଣତନ୍ତ୍ର ପଦ୍ଧତିରେ ନିର୍ବାଚନ କରିବାକୁ ରାଜି ହେଲେ । ଏହି ସମାଧାନ ସୂତ୍ର ପାଇଁ ୧୯୯୩ ମସିହାରେ ସେ ଏବଂ ରାଷ୍ଟ୍ରପତି ଏଫ୍.ଡ଼ବ୍ଲ୍ୟୁ.ଡ଼ି. କ୍ଲାର୍କ ମିଳିତ ଭାବେ ନୋବେଲ ଶାନ୍ତି ପୁରସ୍କାର ପାଇଥିଲେ । **‘‘ସଂଗ୍ରାମ ହିଁ ମୋର ଜୀବନ । ଜୀବନର ଶେଷ ଦିନ ପର୍ଯ୍ୟନ୍ତ ମୁକ୍ତି ସଂଗ୍ରାମରେ ଅବ୍ୟାହତି ନେବି ନାହିଁ – ମାଣ୍ଡେଲାଙ୍କ ଏହି ଉକ୍ତି ଆଜି ପ୍ରତ୍ୟେକ ସଂଗ୍ରାମୀ ବ୍ୟକ୍ତି ପାଇଁ ପ୍ରେରଣାର ଉତ୍ସ ଅଟେ’’ ।**



# ସଙ୍କଟରେ ଚାଷୀ ଓ ଆମ ଖାଦ୍ୟ ନିରାପତ୍ତା

**ଗଜେନ୍ଦ୍ରନାଥ ମହାନ୍ତି , ଉପସଭାପତି**
**ଅଲ୍ ଇଣ୍ଡିଆ ଏଲ୍.ଆଇ.ସି. ପେନସନରସ୍ ଆସୋସିଏସନ୍**

କୃଷି ଆଜି ଯେଉଁ ସଂକଟ ଦେଇ ଗତି କରୁଛି ତା' ପଛରେ ରହିଛି ନୀତିଗତ କାରଣ - ରାଷ୍ଟ୍ରର ନୀତି । ରାଷ୍ଟ୍ରର ନୀତି ହେଉଛି ଦେଶର ଅର୍ଥନୀତିରେ କୃଷିର ଗୁରୁତ୍ୱ କୁ ହ୍ରାସ କରିବା । ସେହି ନୀତି ଆଜି ଚାଷ ଓ ଚାଷୀ ପାଇଁ ମୃତ୍ୟୁ ଘଣ୍ଟି ବଜାଉଛି । ଦେଶର ସତୁରୀ ଭାଗରୁ ଅଧିକ ଲୋକ ଏବେ ବି ଚାଷ ଉପରେ ନିର୍ଭର କରୁଛନ୍ତି । **ଚାଷକୁ ନୀତିଗତ ଭାବେ ସଂକଟକୁ ଠେଲି ଦେବା ଦ୍ୱାରା ଚାଷୀ ଲକ୍ଷ ଲକ୍ଷ ସଂଖ୍ୟାରେ ଆତ୍ମହତ୍ୟା କରିଛନ୍ତି** । ପାଖାପାଖି ଅଢ଼େଇ ଲକ୍ଷ ଚାଷୀ ଆତ୍ମହତ୍ୟା କରିବା ଘଟଣାଠାରୁ ଆଉ ମର୍ମନ୍ତୁଦ ଘଟଣା କ'ଣ ଥାଇପାରେ ? ଏବଂ ସବୁଠାରୁ ବେଶୀ ଆତ୍ମହତ୍ୟା କରିଛନ୍ତି ଦେଶର ଅପେକ୍ଷାକୃତ ଉନ୍ନତ ରାଜ୍ୟରେ । ବିକାଶପୁରୁଷ ମୋଦିଙ୍କ ଗୁଜୁରାଟରେ ବି ଚାଷୀ ଆତ୍ମହତ୍ୟା କରୁଛନ୍ତି । ଓଡ଼ିଶାରେ ବି । ଲକ୍ଷ ଲକ୍ଷ ସଂଖ୍ୟାରେ ଚାଷୀ ଆତ୍ମହତ୍ୟା କରିବା , ଚାଷକାର୍ଯ୍ୟ ମହଙ୍ଗା ପଡୁଥିବାରୁ ଚାଷୀ ଚାଷ ଛାଡ଼ି ଦେବା ଆଦି ହେଉଛି କୃଷି ସଂକଟ ବ୍ୟାଧିର କେତେକ ଉତ୍କଟ ଲକ୍ଷଣ । ୯୦ ଦଶକରେ ବିଶ୍ୱ ବାଣିଜ୍ୟ ସଂଗଠନର ନିର୍ଦ୍ଦେଶରେ ସ୍ୱାକ୍ଷରିତ ଅଗ୍ରିମେଣ୍ଟ ଅନ ଏଗ୍ରିକଲଚର ( ଯେଉଁଥିରେ ଭାରତ ସାମିଲ ହୋଇଛି) ଆମ ଦେଶରେ ଚାଷୀଙ୍କୁ ଦିଆଯାଉଥିବା ସହାୟକ ମୂଲ୍ୟ (ଏମ୍.ଏସ୍.ପି.) ଏବଂ କୋଟି କୋଟି ଗରିବ କ୍ଷୁଧାର୍ତ୍ତଙ୍କୁ ଆହାର ଦେବା ପାଇଁ ଉଦ୍ଦିଷ୍ଟ ଖାଦ୍ୟ ସୁରକ୍ଷା ବିଲ୍‌ର ବାଟ ଓଗାଳୁଛି ।

ଉଲ୍ଲେଖଯୋଗ୍ୟ ଯେ ସଂପ୍ରତି ଡ଼ିସେମ୍ବର ୩ ରୁ ୬ ତାରିଖ ମଧ୍ୟରେ ଡବଲ୍ୟୁଟିଓର ୯ମ ମନ୍ତ୍ରୀ ସ୍ତରୀୟ ବୈଠକ ଇଣ୍ଡୋନେସିଆର ବାଲି ଦ୍ୱୀପରେ ହୋଇଯାଇଛି । ବାଲିଠାରେ ଅନୁଷ୍ଠିତ ହୋଇଯାଇଥିବା ଡବଲ୍ୟୁଟିଓର ଉକ୍ତ ମନ୍ତ୍ରୀ ସ୍ତରୀୟ ସମ୍ମିଳନୀରେ ଆମ ଦେଶର ଚାଷୀମାନଙ୍କୁ ଦିଆଯାଉଥିବା ନିମ୍ନତମ ସହାୟକ ମୂଲ୍ୟ ଏବଂ ଦେଶର କୋଟି କୋଟି ବୁଭୁକ୍ଷୁ ଦେଶବାସୀଙ୍କ ପାଇଁ ଉଦ୍ଦିଷ୍ଟ ଖାଦ୍ୟ ସୁରକ୍ଷା ଆଇନକୁ ରକ୍ଷା କରିବା ପାଇଁ ବହୁ କସରତ କରିବାକୁ ପଡ଼ିଛି । ବାଲି ମନ୍ତ୍ରୀସ୍ତରୀୟ ସମ୍ମିଳନୀକୁ ଯିବା ପୂର୍ବରୁ କେନ୍ଦ୍ର ଶିଳ୍ପ ଓ ବାଣିଜ୍ୟମନ୍ତ୍ରୀ ଆନନ୍ଦ ଶର୍ମା କହିଥିଲେ - ''ଡବଲ୍ୟୁଟିଓର ସର୍ତ୍ତ ବିକାଶଶୀଳ ଦେଶମାନଙ୍କୁ ସୁହାଇଲା ଭଳି ହୋଇଛି । ତାର ପରିବର୍ତ୍ତନ ପାଇଁ ଜି - ୩୩ (ଭାରତ ଏକ ସଭ୍ୟ) ଦେଶମାନଙ୍କ ପକ୍ଷରୁ ଯେଉଁ ଫର୍ମୁଲା ଦିଆଯାଇଛି ଭାରତ ତାକୁ ଗ୍ରହଣ କରିବା ପାଇଁ ବାଲିଠାରେ ଯୁକ୍ତି କରିବ''। ବାଲିକୁ ଯିବା ପୂର୍ବରୁ କେନ୍ଦ୍ର କ୍ୟାବିନେଟ୍ ନଭେମ୍ବର ୨୮ ତାରିଖରେ ଭାରତର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍.ଏସ୍.ପି.)କୁ ଆଘାତ କଲା ଭଳି କୌଣସି ପ୍ରସ୍ତାବକୁ ଗ୍ରହଣ ନ କରିବା ପାଇଁ ନିଷ୍ପତ୍ତି କରି ଶର୍ମାଙ୍କୁ ସେହି ପରାମର୍ଶ ଦେଇଥିଲା । ଡବଲ୍ୟୁଟିଓର ବ୍ୟବସ୍ଥାରେ ଆନ୍ତର୍ଜାତୀୟ ବଜାରରେ କୃଷିଜାତ ପଦାର୍ଥର ବେପାରକୁ ଆଘାତ ବା ବିକୃତ କଲା ଭଳି କୌଣସି ସବସିଡ଼ି କୌଣସି ଦେଶ ଦେଇପାରିବେ ନାହିଁ ବୋଲି ନିର୍ଦ୍ଦେଶ ରହିଛି ।

ଉଦାହରଣସ୍ୱରୂପ ଡବ୍ଲ୍ୟୁଟିଓର ଏଗ୍ରିମେଣ୍ଟ ଅନ ଏଗ୍ରିକଲଚର ବା କୃଷି ସମ୍ପର୍କିତ ଚୁକ୍ତିନାମା ଅନୁଯାୟୀ ସବସିଡିକୁ ବିଭିନ୍ନ ବକ୍ସ ଯଥା ଅମ୍ବର ବକ୍ସ , ବ୍ଲୁ ବକ୍ସ ଓ ଗ୍ରୀନ୍ ବକ୍ସ ସବସିଡ଼ି ନାମରେ ନାମିତ କରାଯାଇଛି । ଅମ୍ବରବକ୍ସ ସବିସିଡ଼ି ଉତ୍ପାଦନ ସହିତ ପ୍ରତ୍ୟକ୍ଷ ଭାବେ ଜଡ଼ିତ । ଯାହା ବାଣିଜ୍ୟ ବିକୃତିକରଣ (Trade Distorting) ଅଟେ ଏବଂ ମୁକ୍ତ ବାଣିଜ୍ୟ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି କରିଥାଏ । ଏହା ଡବ୍ଲ୍ୟୁଟିଓ ନିୟମ ଅନୁଯାୟୀ ନିୟନ୍ତ୍ରିତ ଏବଂ ବିକାଶଶୀଳ ରାଷ୍ଟ୍ରମାନେ ତାଙ୍କ ଉତ୍ପାଦାନ ମୂଲ୍ୟର ୧୦% ସୀମିତ ରଖିବାକୁ ପଡ଼ିବ । ସେହିପରି ଗ୍ରୀନ୍ ବକ୍ସ ସବସିଡ଼ି କହିଲେ କୃଷି ଗବେଷଣା , ରୋଗ ନିୟନ୍ତ୍ରଣ , ଭିତ୍ତିଭୂମିର ବିକାଶ , ଖାଦ୍ୟ ନିରାପତ୍ତା , ଖାଦ୍ୟ ସାମଗ୍ରୀ ପାଇଁ ସିଧାସଳଖ ନଗଦ ଅର୍ଥ ହସ୍ତାନ୍ତର , ଆୟ ସହାୟତା , କୃଷିକ୍ଷେତ୍ରର ପୁନର୍ଗଠନ ପାଇଁ କୃଷକକୁ ଦିଆଯାଉଥିବା ସହାୟତା ଆଦିକୁ ବୁଝାଇଥାଏ । ଅପରପକ୍ଷରେ ବ୍ଲୁବକ୍ସ ସବସିଡ଼ି କହିଲେ ଯେଉଁ ସବସିଡ଼ି ବର୍ତ୍ତମାନର କୃଷି ଉତ୍ପାଦନ ନୁହେଁ ଅତୀତର କୃଷି ଉତ୍ପାଦନ ସହିତ ସଂଶ୍ଳିଷ୍ଟ । ଯେତେବେଳେ କୃଷକ ତା'ର କୃଷି କାର୍ଯ୍ୟକୁ କୌଣସି କାରଣରୁ ସୀମିତ ରଖେ ଏବଂ ତାକୁ ଯେଉଁ ସବସିଡ଼ି ଦିଆଯାଏ ତାହାକୁ ବ୍ଲୁବକ୍ସ ସବସିଡ଼ି କୁହାଯାଏ । ଏହି ବ୍ଲୁବକ୍ସ ଓ ଗ୍ରୀନ୍‌ବକ୍ସ ସବସିଡ଼ି ଉପରେ କୌଣସି ସୀମା ନଥିବାରୁ ଏବଂ ଏହା ବାଣିଜ୍ୟ ବିକୃତୀକରଣ ଭାବେ ଡବ୍ଲ୍ୟୁଟିଓ ବିଚାର କରୁନଥିବାରୁ ଧନୀକ ରାଷ୍ଟ୍ର ମାନେ ବିଲିୟନ ବିଲିୟନ ଡଲାର ସବସିଡ଼ି ତାଙ୍କ କୃଷକ ତଥା ଅନ୍ୟାନ୍ୟ କ୍ଷେତ୍ରରେ ଦେଉଛନ୍ତି । କିନ୍ତୁ ଗରିବ ବିକାଶଶୀଳ ଦେଶକୁ ସବସିଡ଼ି ନ ଦେବା ପାଇଁ ନୀତିଶିକ୍ଷା ଦେଉଛନ୍ତି ।

ସେହିପରି ଖାଦ୍ୟ ସବସିଡ଼ି କ୍ଷେତ୍ରରେ ଏହି ସୀମା ମଧ୍ୟ ୧୦% ରେ ସୀମିତ ରଖାଯାଇଛି । ଏହି ସର୍ବୋଚ୍ଚ ସୀମା ୧୯୮୦ ଦଶକର ଖାଦ୍ୟ ମୂଲ୍ୟ ଅନୁସାରେ ସ୍ଥିର ହୋଇଥିଲା । ସେତେବେଳେ ବିଶ୍ୱ ଖାଦ୍ୟଶସ୍ୟର ମୂଲ୍ୟ ଅତି କମ୍ ଥିବାରୁ ଡବ୍ଲ୍ୟୁଟିଓ ଯେଉଁ ସୀମାଧାର୍ଯ୍ୟ କରିଛି ତଦନୁସାରେ ସର୍ବନିମ୍ନ ସହାୟକ ମୂଲ୍ୟ ଦିଆଗଲେ ଚାଷୀ ଛଟ ଛଟ ହୋଇ ମରିଯିବେ । ଉଦାହରଣ ସ୍ୱରୂପ ବର୍ତ୍ତମାନ ସାଧାରଣ ମାନର ଶସ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ ୧୩୧୦ ଟଙ୍କା ଧାର୍ଯ୍ୟ କରାଯାଇଛି । କିନ୍ତୁ ଆନ୍ତର୍ଜାତୀୟ ଉଦ୍ଦିଷ୍ଟ ମୂଲ୍ୟ (Reference price) ୨୬୪ ଟଙ୍କା ହୋଇଥିବାରୁ ସବ୍‌ସିଡ଼ି ପରିମାଣ ୧୦୪୬ ଟଙ୍କା ହୋଇ ଡବ୍ଲ୍ୟୁଟିଓ ନିୟମ ବହିର୍ଭୂତ ହେଉଛି । କିନ୍ତୁ ଯଦି ମୁଦ୍ରାସ୍ଫୀତିକୁ ବିଚାରକୁ ନେଇ ଯଦି ସେହି ୨୬୪ ଟଙ୍କାର ପୁନଃ ମୂଲ୍ୟ ସ୍ଥିର କରାଯାଏ, ତେବେ ତାହା ଆପାତତଃ ୧୦୦୦ ଟଙ୍କା ହେବ ଏବଂ ବାସ୍ତବ ସବସିଡ଼ି ଟ୧୩୧୦– ଟ୧୦୦୦ = ୩୧୦ ଟଙ୍କା ମାତ୍ର ହେବ ଏବଂ ଡବ୍ଲ୍ୟୁଟିଓ ସୀମାଠାରୁ ବହୁତ କମ୍ ହେବ । କିନ୍ତୁ ଏହି ମୂଲ୍ୟକୁ ସଂଶୋଧିତ କରିବା ପାଇଁ ବିକଶିତ ରାଷ୍ଟ୍ରମାନେ ତାଙ୍କ ସ୍ୱାର୍ଥ ପାଇଁ ରାଜି ହେଉନାହାଁନ୍ତି ।

ଡବଲ୍ୟୁଟିଓର ଚାପ ହେଉଛି ଭାରତ ଦେଉଥିବା ସର୍ବନିମ୍ନ ସହାୟକ ମୂଲ୍ୟ ଉପରେ ଲଗାମ ଓ ଆମ ଖାଦ୍ୟ ନିରାପତ୍ତାକୁ ବିପନ୍ନ କରିବା ସହିତ ଚାଷୀକୁ ସଙ୍କଟକୁ ଠେଲିଦେବା । ଆମ ଦେଶର ଚାଷୀମାନଙ୍କର ସଂଗଠନ ବିଶେଷତଃ ଏ.ଆଇ.କେ.ଏସ୍.ପରି ବାମପନ୍ଥୀ ଦଳମାନଙ୍କର ଦୃଷ୍ଟିଭଙ୍ଗୀ ଥିବା ଭଳି ଚାଷୀ ସଂଗଠନଙ୍କର ଦାବି ହେଉଛି ଚାଷୀଙ୍କୁ ଲାଭଜନକ ମୂଲ୍ୟ ଦିଅ । ସରକାର ଦେଉଛନ୍ତି ସହାୟକ ମୂଲ୍ୟ । ଲାଭଜନକ ମୂଲ୍ୟ ଦେଲେ ଚାଷର ଉନ୍ନତି ହେବ । ସହାୟକ ମୂଲ୍ୟ ସେଇଟା ପୁଣି ସର୍ବନିମ୍ନ ଦିଆଯାଉଛି - ଯାହା ରୋଗୀକୁ ସାଲାଇନ୍ ଦେଲା ଭଳି ହେଉଛି । ବାମପନ୍ଥୀ ଦୃଷ୍ଟିଭଙ୍ଗୀ ଥିବା ଏ.ଆଇ.କେ.ଏସ୍. ପରି ସଂଗଠନ କେବଳ ନୁହଁନ୍ତି ଦେଶର ଖ୍ୟାତନାମା କୃଷି ବିଶେଷଜ୍ଞ ଡଃ. ଏମ୍‌ଏସ୍.ସ୍ୱାମୀନାଥନଙ୍କ ପରି ବିଶ୍ୱବିଖ୍ୟାତ କୃଷି ବିଶାରଦ ବି ଚାଷୀକୁ ଲାଭ ଦେଲା ଭଳି ମୂଲ୍ୟ ଦେବା ସପକ୍ଷରେ କହି ଆସୁଛନ୍ତି ।

ସ୍ୱତଃ ପ୍ରଶ୍ନ ଉଠେ ଚାଷ ଉପରେ ଦେଶର ୭୦ ଭାଗ ଲୋକ ନିର୍ଭରଶୀଳ । ତଥାପି ଚାଷକୁ ଏପରି ଅବହେଳା କାହିଁକି ? ଦେଶରେ ନବ୍ୟ

ଉଦାରବାଦୀ ନୀତିର ଯୁଗ ଆରମ୍ଭ ହେବା ପରେ ଭାରତ ନବେ ଦଶକରେ ଆଗ୍ରିମେଣ୍ଟ ଅନ୍ ଏଗ୍ରିକଲଚରରେ ସାମିଲ ହେବା ପରେ ପରେ ଜଗତିକରଣର ତାଡନାରେ ଆମ ଦେଶର ସରକାର କୃଷିକୁ ଅଣଦେଖା କରିବା ଆରମ୍ଭ କରିଛନ୍ତି । ମୁଖ୍ୟ କଥା ହେଉଛି ସବ୍‌ସିଡ଼ି ହ୍ରାସ ପାଇଁ ବିଶ୍ୱ ଆର୍ଥିକ ପୁଞ୍ଜିର ଚାପ । ଆମ ଦେଶରେ କୃଷି ଉଜୁଡ଼ି ଗଲେ ଭାରତର ବଜାର ଆମେରିକା ଓ ୟୁରୋପର କୃଷିଜାତ ଦ୍ରବ୍ୟର ବିକ୍ରି ପାଇଁ ଖୋଲି ଯିବ । ଔପନିବେଶିକ ଶାସନ ସମୟରେ ଲାଙ୍କାସାୟାରର ଲୁଗା ଆସି ଏ ଦେଶରେ ଯେପରି ବିକ୍ରି ହେବ ସେଥିପାଇଁ ଆମ ଦେଶର ତନ୍ତୀଙ୍କୁ ଆଘାତ କରାଯାଉଥିଲା । ଏଣୁ ଆମେରିକା ଓ ୟୁରୋପର ଚାଷୀଙ୍କୁ ସାହାଯ୍ୟ କରିବା ପାଇଁ ସେମାନଙ୍କର ଉତ୍ପନ୍ନ ଦ୍ରବ୍ୟ ପାଇଁ ବଜାର ବଢ଼ାଇବା ଲକ୍ଷ୍ୟରେ ଭାରତ ପରି ବିକାଶଶୀଳ ଦେଶର କୃଷିକୁ ଜାଣିଶୁଣି ନୀତିଗତ ଭାବେ ଆଘାତ କରାଯାଉଛି । ୟୁରୋପ ଓ ଆମେରିକାର ଚାଷୀଙ୍କୁ ପ୍ରଚୁର ସବ୍‌ସିଡ଼ି ଦିଆଯାଇ ଆସୁଛି – ଡବ୍ଲ୍ୟୁଟିଓର ଛାଟ ତା’ ଉପରେ ପଡୁନାହିଁ । **୧୯୯୫ରୁ ୨୦୧୦ ଭିତରେ ଆମେରିକାର ସବ୍‌ସିଡ଼ି ୬୧ ବିଲିୟନରୁ ୧୩୦ ବିଲିୟନ ଡଲାରକୁ ବଢ଼ାଯାଇଛି । ୟୁରୋପରେ ତାହା ୭୯ ବିଲିୟନ ଡଲାରରେ ପହଞ୍ଚିଲାଣି । ଆମେରିକା ଖାଦ୍ୟ ପାଇଁ ସାହାଯ୍ୟ କାର୍ଯ୍ୟକ୍ରମରେ ୧୦୦ ବିଲିୟନ୍ ଡଲାର ଖର୍ଚ୍ଚ କରୁଥିଲାବେଳେ ଖାଦ୍ୟ ସୁରକ୍ଷା ଆଇନକୁ କାର୍ଯ୍ୟକାରୀ କଲେ ଭାରତର ଖର୍ଚ୍ଚ ହେବ ମାତ୍ର ୨୦ ବିଲିୟନ ଡଲାର ।** ତା’ ସତ୍ତ୍ୱେ ଭାରତର ସର୍ବନିମ୍ନ ସହାୟକ ମୂଲ୍ୟ ଏବଂ ଖାଦ୍ୟ ସୁରକ୍ଷା ବିଲ୍ ସେମାନଙ୍କର ସାମ୍ରାଜ୍ୟବାଦୀ ରାଷ୍ଟ୍ରମାନଙ୍କର ଚକ୍ଷୁଶୂଳ ହୋଇଛି । ଦେଶୀ ମେଗା ପୁଞ୍ଜିପତିମାନଙ୍କ ପାଇଁ ବିଶ୍ୱ ବଜାରରେ କିଛି ସୁବିଧା ସୃଷ୍ଟି କରିବାକୁ ଆମ ଦେଶର ଶାସକ ଶ୍ରେଣୀ ସାମ୍ରାଜ୍ୟବାଦୀ ରାଷ୍ଟ୍ରଙ୍କ ଚାପ ଆଗରେ ମୁଣ୍ଡ ନୁଆଁଉଛନ୍ତି ।

ସେମାନେ ଆମ ଦେଶର ଶାସକମାନଙ୍କୁ ବିଶେଷତଃ ବୁର୍ଜୁଆ ପଣ୍ଡିତମାନଙ୍କୁ ବୁଝାଇଛନ୍ତି ଯେ ଚାଷରୁ ଯେତେ ଲୋକ ବିତାଡ଼ିତ ହେବେ ତାଙ୍କ ଦେଶକୁ ଉନ୍ନତ ଅର୍ଥନୀତିରେ ପରିଣତ ହେବାରେ ସହାୟକ ହେବ । ସେମାନେ ଇଂଲଣ୍ଡ ଓ ୟୁରୋପର ଉଦାହରଣ ଦେଉଛନ୍ତି । ଅଷ୍ଟାଦଶ ଶତାବ୍ଦୀର ୟୁରୋପରେ ଆଜିର ଭାରତ ପରି ବହୁ ଲୋକ ଚାଷ ସହିତ ସଂପୃକ୍ତ ରହିଥିଲେ । ସେମାନଙ୍କୁ ଚାଷରୁ ଉତ୍‌ଖାତ କରିବା ପରେ ଚାଷ ଉପରେ ନିର୍ଭରଶୀଳଙ୍କ ସଂଖ୍ୟା କମିବା ପରେ ୟୁରୋପ ସମୃଦ୍ଧିଶାଳୀ ହେଲା ।

ସେଇଟା ଥିଲା ଔପନିବେଶିକ ଶାସନର ଯୁଗ । ୟୁରୋପର ବିଭିନ୍ନ ଦେଶରେ ଯେଉଁମାନେ କୃଷି କ୍ଷେତ୍ରରୁ ବିତାଡ଼ିତ ହେଲେ ସେମାନଙ୍କ ଭିତରୁ ଅଧିକାଂଶ ଉପନିବେଶମାନଙ୍କରେ ଯାଇ ବସତି ସ୍ଥାପନ କଲେ । କେବଳ ଚାଷରୁ ନୁହେଁ ଶିଳ୍ପ ବିପ୍ଳବ ଯୋଗୁ ପାରମ୍ପରିକ ହସ୍ତତନ୍ତ ଶିଳ୍ପରେ ଯେଉଁମାନେ କାମ କରୁଥିଲେ ସେମାନେ ମଧ୍ୟ ଜୀବିକା ହରାଇଥିଲେ । ଚାଷ ଓ ପାରମ୍ପରିକ ଶିଳ୍ପରୁ ଯେଉଁମାନେ ବିତାଡ଼ିତ ହେଲେ ଉପନିବେଶମାନଙ୍କରେ ସେମାନଙ୍କୁ ଥଇଥାନ କରାଗଲା । ୧୮୨୧ ମସିହାରେ ବ୍ରିଟେନର ଜନସଂଖ୍ୟା ଥିଲା ମାତ୍ର ୧୨୦ ଲକ୍ଷ । କିନ୍ତୁ ୧୮୨୧ରୁ ୧୯୧୫ ମଧ୍ୟରେ ୧୬୦ ଲକ୍ଷ ବ୍ରିଟେନବାସୀଙ୍କୁ ଅଷ୍ଟ୍ରେଲିଆ, ଦକ୍ଷିଣ ଆଫ୍ରିକା, ନିଉଜିଲାଣ୍ଡ ପ୍ରଭୃତି ଉପନିବେଶମାନଙ୍କରେ ଥଇଥାନ କରାଯାଇଥିଲା । ବ୍ରିଟେନର ଜନସଂଖ୍ୟା ସେହି ସମୟରେ ପ୍ରତିବର୍ଷ ଯେତିକି ବଢୁଥିଲା ତାର ଅଧା ଏହିପରି ଉପନିବେଶମାନଙ୍କୁ ପଠାଇ ଦିଆଯାଉଥିଲା । ସେମାନେ ୟୁରୋପରୁ ସେମାନଙ୍କର ଭିଟାମାଟି ଛାଡ଼ି ଯାଇ ଆମେରିକା, ଅଷ୍ଟ୍ରେଲିଆ, ନିଉଜିଲାଣ୍ଡ, ଦକ୍ଷିଣ ଆଫ୍ରିକା ପରି ଉପନିବେଶମାନଙ୍କରେ ସେଠାକାର ଅଧିବାସୀମାନଙ୍କର ଜମି ଓ ଜୀବିକାକୁ ଜବରଦସ୍ତ ଅଧିକାର କଲେ । ଭାରତ ଓ ଅନ୍ୟ ବିକାଶଶୀଳ ଦେଶର ଚାଷୀ ଓ କ୍ଷୁଦ୍ର ଶିଳ୍ପରେ ନିଯୁକ୍ତି ପାଇଥିବା ଲୋକଙ୍କୁ ସେମାନଙ୍କର ପାରମ୍ପରିକ ଜୀବିକାରୁ ତଡ଼ିଲେ ସେମାନେ ଯିବେ କୁଆଡ଼େ ? ଅନ୍ୟ ଦେଶ ତ ଦୂରର କଥା ଗାଁରୁ ସହରକୁ ଗଲେ ବି ସେଠି ଜୀବିକା ନାହିଁ । ପୋସ୍କୋ ଯୋଗୁ ଯେତେ ଲୋକ ଚାଷ ହରାଇଛନ୍ତି ବା ପାନବରଜ ହରାଇଛନ୍ତି ସେମାନଙ୍କ ଭିତରୁ କେତେ ଜଣ ସେହି କାରଖାନାରେ କାମ ପାଇବେ ବା ତାକୁ ନିର୍ଭର କରି ବଞ୍ଚିବେ ?

ଚାଷରୁ ତଡ଼ିବା ପଛରେ ଆଉ ଗୋଟେ କାରଣ ହେଉଛି ସେମାନଙ୍କର ଜମି ହଡ଼ପ କରିବା ଚାଷକୁ ମହଙ୍ଗା କଲେ ଚାଷୀ ଆପେ ଆପେ ଜମି ଛାଡ଼ି ଦେବ । ପୋସ୍କୋ ପରି ବିଦେଶୀ କମ୍ପାନୀ ଓ ଛତୁ ଫୁଟିଲା ପରି ମୁଣ୍ଡ ଟେକିଥିବା ରିଅଲ ଇଷ୍ଟେଟ ବେପାରୀମାନେ ସେହି ଜମି ହାତେଇ ପାରିବେ । **ତେଣୁ କୃଷି ସଂକଟ ପଛରେ ଜାତୀୟ ଓ ଆନ୍ତର୍ଜାତୀୟ ଚକ୍ରାନ୍ତ ରହିଛି । ନବ୍ୟଉଦାରବାଦୀ ନୀତିର ଏହା ହେଉଛି ପରିଣତି । କୃଷି ଓ କୃଷକଙ୍କୁ ବଞ୍ଚାଇବାକୁ ହେଲେ ସେହି ନୀତିକୁ କବର ଦେବାକୁ ପଡ଼ିବ ।** କଂଗ୍ରେସ ଯାଇ ବିଜେପି ଶାସନ ଆସିଲେ ସେହି ସଂକଟ ଦୂର ହେବ ନାହିଁ । କାରଣ ସେମାନେ ଗୋଟିଏ ଭାଡ଼ିର ପାରା । ସେଥିପାଇଁ ଜାତୀୟ କବି ବୀରକିଶୋର ଦାସ ଲେଖିଥିଲେ –

‘କଳା ବଦଳରେ ଧଳା ହେଲେ ଜୋକ
ଘୁଞ୍ଚିବ କି କୋଟି ଗରିବଙ୍କ ଦୁଃଖ ?’

❖❖❖

# ଧନ୍ୟ ମୋର ଏଲ୍.ଆଇ.ସି.

**ବାସୁଦେବ ଥାଟୋଇ , କଟକ ବ୍ରାଞ୍ଚ – ୨(ଡ଼ି.ବି.ଓ)**

ଦୂର ସଂପର୍କୀୟ ଭାଇ ଭଳି ହେବ ନାଆଟି ତା’ର ପରସୁ
ଦୁଃଖ କଥା ଦିନେ କହୁ କହୁ ତାର ଆଖିରେ ପୂରିଲା ଅଶ୍ରୁ ॥
କହିଲା ସେ ମୋ’ତେ ବିଏ ପାଶ୍ କରି ଚାରି ବର୍ଷ ଗଲା ବିତି
ଚାକିରି ପଛରେ ଧାଇଁ ଧାଇଁ ଖାଲି ଗଡ଼ିଗଲା ଦିନ ରାତି ॥
କୁଆଡ଼େ କ’ଣ ବୁଝିଦିଅ କିଛି ବସିକି ଲାଗୁନି ଭଲ
କି ପାଠ ପଢ଼ିଲି ବୁଢ଼ା ଦିନେ ମୋ’ର ବାପା ବି ଲାଗୁଛି ମୂଳ ॥
ଏଲ୍.ଆଇ.ସି.ରେ ଏଜେନ୍ସି ନବକି ଥରେ ଭଲ କରି ଭାବ ?
ନିଷ୍ଠା ବିଶ୍ୱାସରେ ଖଟିଲେ ମିଳିବ ଚାକିରିଠୁ ଭଲ ଲାଭ ॥
ହଁ ଭରି ହେଲା ଏଜେଣ୍ଟ ଆସିକି ମନ ଦେଇ କଲା କାମ
ପାଞ୍ଚ ବର୍ଷ ପରେ ଦେଖା ହେଲା ଦିନେ ପର୍ଶୁ ନୁହେଁ ପର୍ଶୁରାମ ॥
ଭଲ ଗାଡ଼ି ଖଣ୍ଡେ ଛାତ ପକା ଘର ବାହା ହୋଇ ଗୋଟା ଝିଅ
କହିଲି ବାବୁହେ’ ଏତେ ଆଗେଇଲ ମିଠା ହେଲାନି ମୋ ମୁହଁ ॥
ଧାଇଁ ଯାଇ ମିଠା କିଣିକି ଆଣିଲା କହିଲି ମୋ’ ଦେହେ ରାଗ
ଯୋର୍ କରି ମୋର ଅଣ୍ଟିରେ ବାନ୍ଧିଲା କହିଲା ଏଇ ମୋ’ ଭାଗ୍ୟ ॥
ଏଇ ମିଠା ମୋ’ର ସଂପର୍କର ଡ଼ୋର ମିଠାକୁ କରନା ମନା
ମନ ମିଠା କରି ମିଠା ସଂପର୍କରେ ଉଠିଛି ଆଜି ମୁଁ ସିନା ॥
ଏଲ୍.ଆଇ.ସି.ର ଏ ମିଠା ସଂପର୍କରେ ଦୂର ହୋଇଯାଏ ରୋଗ
ଏଜେଣ୍ଟ ହୋଇ ମୁଁ ନିନ୍ଦାକୁ ଟାଳିଛି , ପାଇଛି ବନ୍ଧୁତ୍ୱ ଯଶ ॥
ମଣିଷ ପଣିଆ ଆପେ ଉତୁରିଛି ବଢ଼ାଇ ଆତ୍ମ ବିଶ୍ୱାସ
ଜଳଜଳ କରି ଚାହିଁଥିଲି ତାକୁ କହୁଥିଲା ହସିହସି
ଏଜେଣ୍ଟ ହୋଇ ମୁଁ ଧନ୍ୟ ହୋଇଗଲି ଧନ୍ୟ ମୋର LIC.॥



## ଏଲ୍.ଆଇ.ସି.ର ପ୍ରଶଂସାରେ ଶତମୁଖ:

# ବିଶ୍ୱ ଅର୍ଥନୈତିକ ମଞ୍ଚ ପରେ ଆନ୍ତର୍ଜାତୀୟ ମୁଦ୍ରା ପାଣ୍ଠି

**ଅମାନୁଲ୍ଲା ଖାନ୍, ସଭାପତି –AIIEA**

ବିଭିନ୍ନ ଦେଶର ବୀମା କ୍ଷେତ୍ର ସମ୍ପର୍କରେ ତର୍ଜମା କରି ଆନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇ.ଏମ୍.ଏଫ୍.) ଭାରତୀୟ ବୀମା ଶିଳ୍ପ ସମ୍ପର୍କରେ ଏକ ରିପୋର୍ଟ ଅଗଷ୍ଟ ୨୦୧୩ରେ ପ୍ରକାଶ କରିଛି । ଅତ୍ୟନ୍ତ ପ୍ରତିକୂଳ ପରିସ୍ଥିତିରେ ଭାରତରେ ବୀମା ଶିଳ୍ପ ଅତ୍ୟନ୍ତ ସଫଳତାର ସହିତ କାର୍ଯ୍ୟ କରଛି ବୋଲି ଆମ ସଂଗଠନ AIIEAର ଉକ୍ତି ସହିତ ସହମତି ପ୍ରକାଶ କରି ଏହି ସଂସ୍ଥା ଉଲ୍ଲେଖ କରିଛି ଯେ , ଏହି ସଫଳତାର ସମସ୍ତ ଶ୍ରେୟ LICର ପ୍ରାପ୍ୟ ।

ଏହି ରିପୋର୍ଟରେ ଉଲ୍ଲେଖ ରହିଛି ଯେ , ଭାରତୀୟ ନାଗରିକଙ୍କ ହାରାହାରି ଆୟକୁ ବିଚାର କଲେ ଦେଖାଯିବ ଯେ , ଅନ୍ୟାନ୍ୟ ଆର୍ଥିକ କ୍ଷେତ୍ର ଅପେକ୍ଷା , ବୀମା କ୍ଷେତ୍ର ତୁଳନାତ୍ମକ ଭାବେ ଅଧିକ ଉନ୍ନତ ଓ ପରିବ୍ୟାପ୍ତ ଅଟେ। ଏଣୁ ବୀମା ଶିଳ୍ପର ଜାତୀୟକରଣର ମୌଳିକ ଲକ୍ଷ୍ୟ ପ୍ରତି LICର ଅଙ୍ଗୀକାରବଦ୍ଧତା ହିଁ ଏହି ଅନନ୍ୟ ସଫଳତା ଦେଇପାରିଛି ବୋଲି ଆଇ.ଏମ୍.ଏଫ୍. ହୃଦୟଙ୍ଗମ କରିବା ଆବଶ୍ୟକ । ବିଗତ ସତାବନ ବର୍ଷର ଅକ୍ଳାନ୍ତ ପରିଶ୍ରମ ଫଳରେ ଆଜି କେବଳ ସହରାଞ୍ଚଳରେ ନୁହେଁ , ଦୁର୍ଗମ ମଫସଲ ଅଞ୍ଚଳଗୁଡ଼ିକରେ ଏହି ବିରାଟ ସଂସ୍ଥା ତା'ର କାୟା ବିସ୍ତାର କରିପାରିଛି । ୧୯୫୬ ମସିହାରେ ଯାତ୍ରାରମ୍ଭ ସମୟରୁ ହିଁ LIC ସାରା ଦେଶବ୍ୟାପୀ ବୀମା ସେବା ପ୍ରଦାନ ମାଧ୍ୟମରେ ପ୍ରତ୍ୟେକ ଗୃହରେ ଆଶାର ଆଲୋକ ପ୍ରଜ୍ୱଳନ କରିବାରେ ଗୁରୁ ଦାୟିତ୍ୱ ବହନ କରି ଆସିଛି । ଭାରତ ପରି ଗୋଟିଏ ନିମ୍ନ ଆୟକାରୀ ତଥା ଅଧିକ ଗରିବୀ ହାର ଥିବା ରାଷ୍ଟ୍ରରେ LIC ୩୦ କୋଟି ଜନତାଙ୍କୁ ବ୍ୟକ୍ତିଗତ ବୀମା ସୁରକ୍ଷା ଓ ୧୦ କୋଟି ଜନତାଙ୍କୁ ଗୋଷ୍ଠୀ ବୀମା ସୁରକ୍ଷା ମାଧ୍ୟମରେ ବୀମାଭୁକ୍ତ କରିପାରିଛି । ଏହି ବ୍ୟବସାୟର ପ୍ରମୁଖ ଭାଗ ଗ୍ରାମାଞ୍ଚଳରୁ ହିଁ ସଂଗୃହୀତ ହୋଇଥାଏ । **ଏଣୁ ଯେତେବେଳେ ଆନ୍ତର୍ଜାତୀୟ ମୁଦ୍ରା ପାଣ୍ଠି ଭାରତର ବୀମା ବ୍ୟବସାୟର ସଫଳତା ସଂପର୍କରେ ଉଲ୍ଲେଖ କରୁଛି , ଏହାର ଶ୍ରେୟ ଏକକ ଭାବେ LIC (ଜୀବନ ବୀମା ବ୍ୟବସାୟରେ) ଓ GIC(ସାଧାରଣ ବୀମା ବ୍ୟବସାୟରେ) ପାଇବାକୁ ସର୍ବାଦୌ ହକଦାର ହେବେ ।**

IMFର ଏହି ରିପୋର୍ଟରେ ରହିଛି ଯେ ବୀମା ଶିଳ୍ପ ନିୟନ୍ତ୍ରଣାଧୀନ ମୋଟ ସମ୍ପତ୍ତି (Assets) , ଦେଶର ଜାତୀୟ ଉତ୍ପାଦନର (GDP) ୨୨.୧ ପ୍ରତିଶତ ଅଟେ । ଅର୍ଥାତ୍ ସଞ୍ଚୟ କ୍ଷେତ୍ରରେ ଆମ ଦେଶରେ ବୀମା ହେଉଛି ଲୋକଙ୍କର ପ୍ରଥମ ପସନ୍ଦ । ଅତ୍ୟନ୍ତ ସ୍ୱଳ୍ପ ମୁଣ୍ଡପିଛା ଆୟ ସତ୍ତ୍ୱେ, LIC ଜନସାଧାରଣଙ୍କ ମନରେ ସଞ୍ଚୟ ପ୍ରତି ଆଗ୍ରହ ସୃଷ୍ଟି କରାଇବା , ବାସ୍ତବରେ ଗୌରବର କଥା । ଅପର ପକ୍ଷରେ ଅଧିକାଂଶ ବିକାଶଶୀଳ ଓ ଉଦୀୟମାନ ରାଷ୍ଟ୍ରରେ ବୀମା ସମ୍ପତ୍ତି ସଂପୃକ୍ତ ଦେଶଗୁଡ଼ିକର ଜାତୀୟ ଉତ୍ପାଦର ୧୦ ପ୍ରତିଶତରୁ ମଧ୍ୟ କମ୍ । ଏଥିରେ ଆଶ୍ଚର୍ଯ୍ୟ ହେବାର କୌଣସି କାରଣ ନାହିଁ । କାରଣ ଦୀର୍ଘ କାଳ ଧରି AIIEA ଏହି କଥା ପ୍ରଚାର କରି ଆସିଛି ଯେ , ଆମ ଦେଶ ଠାରୁ ୧୦ ଗୁଣ ଅଧିକ ମୁଣ୍ଡ ପିଛା ଆୟ ଥିବା ରାଷ୍ଟ୍ର ଗୁଡ଼ିକ ଅପେକ୍ଷା , ଭାରତୀୟ ବୀମା ଶିଳ୍ପ ଯଥେଷ୍ଟ ଉନ୍ନତ ପ୍ରଦର୍ଶନ କରିଛି ।

ଏହି ତଥ୍ୟ ଅନୁଯାୟୀ ଜୀବନ ବୀମା ଶିଳ୍ପର ସମ୍ପତ୍ତି (Assets) ପରିମାଣ ଦେଶର ଜାତୀୟ ଉତ୍ପାଦର ୧୬.୮ ପ୍ରତିଶତ , ଯାହାକି ଅନ୍ୟାନ୍ୟ ଶିଳ୍ପୋନ୍ନତ ରାଷ୍ଟ୍ରଗୁଡ଼ିକ ସହିତ ତୁଳନୀୟ ଅଥବା ଅଧିକ ମଧ୍ୟ ହୋଇପାରେ । ପୁନଶ୍ଚ ଏହି ବିବରଣୀରେ ପ୍ରକାଶ ପାଇଛି ଯେ , ଏହି ମୋଟ ସମ୍ପତ୍ତିର ୮୪ ପ୍ରତିଶତ LICର ଅଧୀନସ୍ଥ ଅଟେ । ବିଭିନ୍ନ କ୍ଷେତ୍ରରେ LICର ମୋଟ ନିବେଶ ପରିମାଣ ଦେଶର ଜାତୀୟ ଉତ୍ପାଦର ୧୬ ପ୍ରତିଶତ ଅଟେ । ଭାରତ , ଚୀନ ଓ ବ୍ରାଜିଲ – ଏହି ତିନୋଟି ଦେଶରେ ବୀମା ସାନ୍ଦ୍ରତା ଓ ପ୍ରସାର ସଂପର୍କରେ (Insurance density & penetration)ଏହି ରିପୋର୍ଟ ଏକ ତୁଳନାତ୍ମକ ଚିତ୍ର ପ୍ରକାଶ କରିଛି । ଏହି ରିପୋର୍ଟ ଅନୁଯାୟୀ ୨୦୦୪ ମସିହାରୁ ୨୦୧୦ ମସିହା ମଧ୍ୟରେ ଚୀନରେ ବୀମା ପ୍ରସାର ୨.୨ ପ୍ରତିଶତରୁ ୨.୫ ପ୍ରତିଶତ , ବ୍ରାଜିଲରେ ୧.୪ ପ୍ରତିଶତରୁ ୧.୬ ପ୍ରତିଶତକୁ ବୃଦ୍ଧି ପାଇଥିବା ବେଳେ ଭାରତବର୍ଷରେ ବୃଦ୍ଧି ହାର ୨.୫ ପ୍ରତିଶତରୁ ୪.୪ ପ୍ରତିଶତ ଥିଲା । ଏହାର ଅର୍ଥ ଆଲୋଚ୍ୟ ସମୟ ମଧ୍ୟରେ ଚୀନ ଓ ବ୍ରାଜିଲରେ ବୀମାର ପ୍ରସାର ବୃଦ୍ଧି ହାର ଯଥାକ୍ରମେ ୧୩.୬୩ ଓ ୧୪.୨୮ ପ୍ରତିଶତ ଥିବା ବେଳେ, ଭାରତରେ ଏହି ବୃଦ୍ଧି ହାର ୭୬ ପ୍ରତିଶତ ଥିଲା । ଏହି ସାଫଲ୍ୟକୁ ଆଧାର କରି IMF ସ୍ୱୀକାର କରିବାକୁ ବାଧ୍ୟ ହୋଇଛି ଯେ, ଉଭୟ ଜୀବନ ବୀମା ଓ ସାଧାରଣ ବୀମା କ୍ଷେତ୍ରରେ ବୀମା ପ୍ରସାର ଓ ସାନ୍ଦ୍ରତା ଦୃଷ୍ଟିରୁ ଭାରତ ଅନ୍ୟ ଦେଶଗୁଡ଼ିକ ତୁଳନାରେ ବହୁ ଆଗରେ ଅଛି ।

**ଦକ୍ଷତା ଓ ସାମର୍ଥ୍ୟ**

ଯଦି ଅପରେଟିଂ ଏକ୍ସପେନ୍ସ ରେସିଓ (କାର୍ଯ୍ୟକାରିତା ପରିବ୍ୟୟ ଅନୁପାତ)କୁ ବିଚାରକୁ ନିଆଯାଏ , ତେବେ ୨୦୧୦ ମସିହାରେ LICରେ ଏହା ପ୍ରିମିୟମ ଆୟର ୬.୬ ପ୍ରତିଶତ ଥିବା ବେଳେ , ଘରୋଇ ବୀମା କମ୍ପାନୀ ଗୁଡ଼ିକ କ୍ଷେତ୍ରରେ ଏହା ୨୦.୯ ପ୍ରତିଶତ ଥିଲା । ଏହା କେବଳ LICର କାର୍ଯ୍ୟ ଦକ୍ଷତାକୁ ପ୍ରମାଣିତକରୁନାହିଁ ବରଂ ଏହାର ଗ୍ରାହକମାନଙ୍କ ପାଇଁ ଅଧିକ ବଳକା ଅର୍ଥ ସୃଷ୍ଟି କରିପାରିବାର ଅତୁଳନୀୟ କ୍ଷମତାକୁ ପ୍ରତିପାଦିତ କରୁଛି । ଜାତୀୟ ଉତ୍ପାଦର ଅନୁସାରେ ଅଧିକ ପ୍ରତିଶତ ବୀମା ପ୍ରିମିୟମ ବାବଦରେ ସମ୍ବଳ ସଂଗ୍ରହ କରିବାର LICର ଭୂମିକା ସବୁଠାରୁ ଅଧିକ ଏବଂ ମହତ୍ତ୍ୱପୂର୍ଣ୍ଣ ଏକଥା ଆଜି ରାଷ୍ଟ୍ରାୟତ୍ତ କ୍ଷେତ୍ରର କଟୁ ସମାଲୋଚକମାନେ ସ୍ୱୀକାର କରିବାକୁ ବାଧ୍ୟ ହେଉଛନ୍ତି । ବୀମା କ୍ଷେତ୍ର ବାର ବର୍ଷ ହେବ ଉନ୍ମୁକ୍ତ ହେବା ପରେ ମଧ୍ୟ LIC ପ୍ରିମିୟମ ଆଦାୟ ଓ ପଲିସି ସଂଖ୍ୟା ଦୃଷ୍ଟିରୁ ଯଥାକ୍ରମେ ୭୨ ଓ ୮୦ ପ୍ରତିଶତ ବଜାର ଅଂଶ ଦଖଲ କରି ବିରଳ ରେକର୍ଡ଼ ସ୍ଥାପନ କରିଛି । **ବହୁରାଷ୍ଟ୍ରୀୟ ବୀମା କମ୍ପାନୀ ଓ ତଥା ସ୍ଥାନୀୟ ବୃହତ୍ତ ବୀମା କମ୍ପାନୀମାନଙ୍କ ସହିତ ୧୨ ବର୍ଷର ପ୍ରତିଯୋଗିତାପରେ ବି LIC ପରି ଏକ ରାଷ୍ଟ୍ରାୟିତ୍ତ କମ୍ପାନୀ ନିଜର ଆଧିପତ୍ୟ ବଜାୟ ରଖିବା ସହିତ ନିଜେ ବଜାର ସୃଷ୍ଟି କରିବାର ଦୃଷ୍ଟାନ୍ତ ବିଶ୍ୱର ଅନ୍ୟ କୌଣସି ସ୍ଥାନରେ ଆଜି ପର୍ଯ୍ୟନ୍ତ ଦୃଷ୍ଟିଗୋଚର ହୋଇନାହିଁ** । ଏହି ପ୍ରଦର୍ଶନ କେବଳ ସଞ୍ଚୟ ସଂଗ୍ରହରେ ସୀମିତ ନୁହେଁ, ଏହାର ଗ୍ରାହକମାନଙ୍କୁ ସର୍ବୋତ୍କୃଷ୍ଟ ସେବା ପ୍ରଦାନରେ ମଧ୍ୟ ପ୍ରତିଫଳିତ ହୋଇଛି । ଦାବୀ ସମାଧାନ କ୍ଷେତ୍ରରେ LICର ପ୍ରଦର୍ଶନ ନିଶ୍ଚିତ ଭାବରେ ବିଶ୍ୱରେ ଅଦ୍ୱିତୀୟ ଅଟେ । ଏଣୁ ଯେତେବେଳେ ଦେଶର ଅର୍ଥମନ୍ତ୍ରୀ ଘୋଷଣା କରନ୍ତି ଯେ LIC ମୁକୁଟର ମଣି (Jewel in the crown)ଏଥିରେ କେହି ବି ବିସ୍ମିତ ହେବାର ନାହିଁ ।

ଭାରତୀୟ ବୀମା ଶିଳ୍ପର ଚମତ୍କାର ପ୍ରଦର୍ଶନରେ, LICର ମହାନ ଭୂମିକାକୁ ସ୍ୱୀକାର କରିବାରେ IMF ହେଉଛି ଦ୍ୱିତୀୟ ଆନ୍ତର୍ଜାତିକ ସଂସ୍ଥା । ଏହା ପୂର୍ବରୁ ବୀମା ସାନ୍ଦ୍ରତା (Insurance density) ଆଧାର କରି ଭାରତୀୟ ଜୀବନବୀମା ଶିଳ୍ପ ବିଶ୍ୱରେ ପ୍ରଥମ ଓ ସାଧାରଣ ବୀମା ତୃତୀୟ ସ୍ଥାନରେ ରହିଛି ବୋଲି ବିଶ୍ୱ ଅର୍ଥନୈତିକ ମଞ୍ଚ (WEF) ସ୍ୱୀକାର କରିସାରିଛି । ବିଶ୍ୱର ଏହି ପ୍ରମୁଖ ଦୁଇ ବିତ୍ତୀୟ ସଂସ୍ଥା ଦ୍ୱାରା ପ୍ରକାଶିତ ତଥ୍ୟ ଏହି କଥା ପ୍ରମାଣ କରୁଛି ଯେ, ଭାରତରେ ବୀମା ଶିଳ୍ପର ପରିବ୍ୟାପ୍ତିରେ ବିଦେଶୀ ପୁଞ୍ଜିର ସାମାନ୍ୟ ଟିକେ ବି ଅବଦାନ ନାହିଁ ଏବଂ ଏହା କେବଳ ରାଷ୍ଟ୍ରାୟତ୍ତ କ୍ଷେତ୍ରର ଚେଷ୍ଟା ଓ ପ୍ରତିବଦ୍ଧତା ହେତୁ ସମ୍ଭବ ହୋଇପାରିଛି । ବର୍ତ୍ତମାନ ଏଇଠି ପ୍ରଶ୍ନ ଉଠୁଛି ଯେ ବହୁମୁଖୀ ସଫଳତା ସତ୍ତ୍ୱେ, ବୀମା ପ୍ରସାର ତଥା ସାନ୍ଦ୍ରତା ବୃଦ୍ଧି ଆଳରେ ଦେଶର ସରକାର କାହିଁକି ବିଦେଶୀ ପୁଞ୍ଜିର ଅଧିକ ବିନିଯୋଗ ପାଇଁ ତତ୍ପରତା ପ୍ରକାଶ କରୁଛନ୍ତି ? ସ୍ୱଳ୍ପ ସଞ୍ଚୟ ସଂଗ୍ରହ ମାଧ୍ୟମରେ ଦୀର୍ଘମିଆଦି ପୁଞ୍ଜି ଓ ଭିତ୍ତିଭୂମିର ବିକାଶ ପାଇଁ ସମ୍ବଳ ସଂଗ୍ରହ

କରି ଦେଶର ଉନ୍ନତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବାରେ ରାଷ୍ଟ୍ରାୟତ୍ତ ବୀମାଶିଳ୍ପର ଅବଦାନ ଅନସ୍ୱୀକାର୍ଯ୍ୟ । ଯେଉଁ ଦେଶରେ ୯୨ ପ୍ରତିଶତ ଶ୍ରମଜୀବୀଙ୍କର କୌଣସି ସାମାଜିକ ସୁରକ୍ଷା ନାହିଁ, ସେଇଠି ଜୀବନ ବୀମା ଶିଳ୍ପ ହିଁ ଏକ ମାତ୍ର ଭରସା ଅଟେ । **ଜନସାଧାରଣଙ୍କର LIC ଉପରେ ଅଧିକ ଆସ୍ଥା ରହିଛି ଏବଂ ଏହି ବିଶ୍ୱାସ ହିଁ LICକୁ ଦେଶର ପ୍ରଗତି ପାଇଁ ସମ୍ବଳ ସଂଗ୍ରହ କରିବାର ମାର୍ଗ ଅଧିକ ସହଜ କରିପାରିଛି** । ସେହିପରି ସାଧାରଣ ବୀମା ଶିଳ୍ପ ସମ୍ପତ୍ତିର ସୁରକ୍ଷାର ପ୍ରତିଶ୍ରୁତି ପ୍ରଦାନ କରିଥାଏ । କେତେକ ବିଶ୍ୱ ପ୍ରସିଦ୍ଧ ଆକ୍‌ଚୁଆରୀ, ବୀମା ବିଶେଷଜ୍ଞ ଆମ ଜୀବନ ବୀମା ଶିଳ୍ପକୁ ସେନାବାହିନୀ ସହିତ ତୁଳନା କରିଥାନ୍ତି, ଯେଉଁମାନେ କି ଦେଶର ସୀମା ସୁରକ୍ଷାରେ ଅହରହ ଜାଗ୍ରତ ଅଛନ୍ତି । ସେମାନଙ୍କର ଯୁକ୍ତି ହେଉଛି ଯେ, ଯେପରି ସେନା ବାହିନୀ ଦେଶକୁ ବାହ୍ୟ ବିପଦରୁ ରକ୍ଷା କରିଥାନ୍ତି, ଠିକ୍ ସେହିପରି ସାଧାରଣ ଜନତାଙ୍କ ଜୀବନ ପ୍ରତି ଥିବା ସମ୍ଭାବ୍ୟ ଆପଦ ବିପଦରୁ ବୀମା ଶିଳ୍ପ ସୁରକ୍ଷା ଦେଇଥାଏ । ଏଇଥିରୁ ଆମେ ଏହି ସିଦ୍ଧାନ୍ତରେ ଉପନୀତ ହେବା ଯେ, ଏହିପରି ଏକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର, ସରକାରୀ ନିୟନ୍ତ୍ରଣରେ ରହିବା ନିତାନ୍ତ ଆବଶ୍ୟକ ଏବଂ ଏହାକୁ କସ୍ମିନ୍ କାଳେ ଦେଶୀ ବିଦେଶୀ ପୁଞ୍ଜିର ଲାଭ ପାଇଁ ପରିଚାଳିତ ହେବା ପାଇଁ ଛାଡ଼ି ଦେବା ଆଦୌ ଉଚିତ୍ ନୁହେଁ । ଏଣୁ ବୀମା କ୍ଷେତ୍ରକୁ ଘରୋଇକରଣ କରିବା ତଥା ଏଥିରେ ବିଦେଶୀ ପୁଞ୍ଜି ପାଇଁ ଅନୁମତି ଦେବା ପ୍ରସ୍ତାବକୁ ଆମେ ବିରୋଧ କରିବା ଯଥାର୍ଥ ଦେଶର ଅର୍ଥମନ୍ତ୍ରୀ ଓ ନବ୍ୟ ଉଦାରବାଦୀ ନୀତିର ସ୍ତାବକ ମାନଙ୍କ ବିଚାରରେ ଏହି ବିରୋଧ କେବଳ ମାତ୍ର ନୀତିଗତ ଏବଂ ଆଜିକାର ଅର୍ଥନୈତିକ ବାସ୍ତବତା ସହିତ ଏହାର କୌଣସି ସଂପର୍କ ନାହିଁ । କିନ୍ତୁ ଯେ କୌଣସି ନୀତି ବାସ୍ତବ ଅର୍ଥନୀତି ଉପରେ ପର୍ଯ୍ୟବେସିତ ଏକଥା ମାନ୍ୟବର ଅର୍ଥମନ୍ତ୍ରୀ ଭୁଲିବା ଅନୁଚିତ୍ ।

**ବୀମାଶିଳ୍ପ ପ୍ରତି AIIEAର ଦାୟବଦ୍ଧତା**

ଏହିସବୁ ଦୃଷ୍ଟିରୁ AIIEA ବୀମା ଶିଳ୍ପ ପ୍ରତି ଉଭୟ ଆଦର୍ଶଗତ ଓ ରାଜନୈତିକ ଦାୟବଦ୍ଧତା ବହନ କରୁଛି । ଆମ ସଂଗଠନ ବିଶ୍ୱାସ କରେ ଯେ ରାଷ୍ଟ୍ରାୟତ୍ତ ବୀମା ଶିଳ୍ପ କେବଳ ସ୍ୱାବଲମ୍ବୀ ଅର୍ଥନୈତିକ ପ୍ରଗତି ହାସଲରେ କାର୍ଯ୍ୟ କରିବ ନାହିଁ ବରଂ ସାଧାରଣ ଜନତାଙ୍କ ଜୀବନ ଧାରଣର ମାନ ଉନ୍ନତିରେ ପାରୁ ପର୍ଯ୍ୟନ୍ତ ସହାୟକ ହେବ । **'ଲୋକଙ୍କ ସଞ୍ଚୟ, ଲୋକଙ୍କ ବିକାଶ ପାଇଁ '** ସ୍ଲୋଗାନ୍‌ର ଏହା ହିଁ ହେଉଛି ଅର୍ଥ । **ନବ୍ୟ ଉଦାରବାଦ ଅର୍ଥନୀତି ଜନସାଧାରଣଙ୍କ ହିତ ଅପେକ୍ଷା ଲାଭ ଓ ମୁନାଫାକୁ ଅତ୍ୟନ୍ତ ଗୁରୁତ୍ୱ ଦେବା ସହିତ ଦେଶର ପ୍ରଗତି ପାଇଁ ରାଷ୍ଟ୍ରର ଭୂମିକା ଗୌଣ କରି ବଜାର ଶକ୍ତି ଉପରେ ଅଧିକ ନିର୍ଭର କରିବା ସପକ୍ଷରେ ଓକିଲାତି କରିଥାଏ** । କିନ୍ତୁ ଆଜି ବିଶ୍ୱବ୍ୟାପୀ ଅର୍ଥନୈତିକ ପ୍ରଗତିର ଚିତ୍ର ଏୟା ପ୍ରତିପାଦିତ କରୁଛି ଯେ ବଜାର ନାମକ ଈଶ୍ୱର ଆଜି ସଂପୂର୍ଣ୍ଣ ବିଫଳ ହୋଇଛି । ଦୁର୍ଭାଗ୍ୟବଶତଃ , ବିଶ୍ୱ ଅର୍ଥନୀତିର ବିପର୍ଯ୍ୟୟରୁ ଭାରତୀୟ ଶାସକ ଶ୍ରେଣୀ ଉପଯୁକ୍ତ ଶିକ୍ଷା ଗ୍ରହଣ କରିବା ପାଇଁ ଅନିଚ୍ଛୁକ । ବିଶ୍ୱ ଆର୍ଥିକ ବିପର୍ଯ୍ୟୟ ସାଙ୍ଗକୁ ଆମେରିକା ଓ ୟୁରୋପର ବ୍ୟବସ୍ଥାକୁ ମଧ୍ୟ ବିପର୍ଯ୍ୟସ୍ତ କରିଦେଇଛି । ଫଳସ୍ୱରୂପ ବିଶ୍ୱବ୍ୟାପୀ କୋଟି କୋଟି ଅଧିବାସୀଙ୍କ ଜୀବନ ଜୀବିକା ଆଜି ଉଚ୍ଛନ୍ନ ହୋଇଯାଇଛି । ନବ୍ୟ ଉଦାରବାଦ ନୀତିକୁ ନେଇ ଆଜି କେବଳ ବୁଦ୍ଧିଜୀବୀ ମହଲରେ ପ୍ରଶ୍ନ ଉଠୁନି, ବରଂ ଶ୍ରମିକଶ୍ରେଣୀ ଏହା ବିରୁଦ୍ଧରେ ସଂଗ୍ରାମ ଜାରି ରଖିଛନ୍ତି । ବିକଶିତ ରାଷ୍ଟ୍ର ସମୂହର ଅର୍ଥନୀତି ଡୁବିଗଲା ପରି ଆମ ଦେଶର ଅର୍ଥନୀତି ସେତେ ଟା ଆକ୍ରାନ୍ତ ନ ହୋଇଥିଲେ ମଧ୍ୟ, ଭାରତ ସମେତ ବିକାଶଶୀଳ ରାଷ୍ଟ୍ର ଗୁଡ଼ିକର ଅର୍ଥନୀତି ଏହା ଦ୍ୱାରା ସଙ୍କଟଗ୍ରସ୍ତ ହୋଇଛନ୍ତି। ଭାରତ ଏଥିରୁ ରକ୍ଷା ପାଇବାର ଏକ ମାତ୍ର କାରଣ ହେଉଛି ଆମ ଦେଶର ଅର୍ଥନୀତିରେ ଏବେ ବି ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଓ ବୀମାଶିଳ୍ପର ପ୍ରାଧାନ୍ୟ ଅଧିକ ଏବଂ ବିପଦପୂର୍ଣ୍ଣ ଆର୍ଥିକ ଇନ୍‌ଷ୍ଟ୍ରୁମେଣ୍ଟର କାରବାର ଏମାନେ କରୁନାହାଁନ୍ତି । ସେ ଯାହା ହେଉ ଭାରତୀୟ ଅର୍ଥନୀତି ଆଜି ଅତୀବ ସଂକଟ ଘେରରେ । ଏହି କଥାରେ ସମସ୍ତେ ଏକମତ ଯେ ଯେଉଁ ଅଭିବୃଦ୍ଧିକୁ ନେଇ ସରକାର ଗର୍ବ କରୁଥିଲେ ତାହା ଆଜି ଆଉ ନାହିଁ । **ଯେଉଁ ଆର୍ଥିକ ଅଭିବୃଦ୍ଧିର ଅବତାରଣା କରାଯାଉଛି , ସଂଖ୍ୟାଧିକ ଭାରତବାସୀ ତାହାର ସୁଫଳ ପାଇବାରୁ ବଞ୍ଚିତ ଏବଂ ଏହା ଭାରତକୁ ବିଶ୍ୱରେ ଅନ୍ୟତମ ବୈଷମ୍ୟପୂର୍ଣ୍ଣ ରାଷ୍ଟ୍ରରେ ପରିଣତ କରିଛି** ।

**ଅନ୍ଧ ଆସ୍ଥା**

ଭାରତୀୟ ଶାସକ ଶ୍ରେଣୀ ପାଇଁ ନବ୍ୟ ଉଦାରବାଦକୁ ପୁନଃବିଶ୍ଳେଷଣ କରିବାର, ଏହା ହିଁ ପ୍ରକୃଷ୍ଟ ସମୟ ଓ ସୁଯୋଗ ଥିଲା । ପ୍ରତିବଦଳରେ ସମସ୍ତ ପ୍ରମୁଖ ବୁର୍ଜୁଆ ରାଜନୈତିକ ଅନୁଷ୍ଠାନ ଏହା ଉପରେ ପୂର୍ଣ୍ଣ ଆସ୍ଥା ପ୍ରକଟ କରି ଚାଲିଛନ୍ତି । ସେମାନେ ଭାବୁଛନ୍ତି ଯେ , ପୁଞ୍ଜିର ଅଭାବ ହିଁ ଭାରତୀୟ ଅର୍ଥନୀତିର ସମସ୍ୟା ଏବଂ ଯେହେତୁ ଆଭ୍ୟନ୍ତରୀଣ ପୁଞ୍ଜି ପର୍ଯ୍ୟାପ୍ତ ନୁହେଁ , ସେଥିପାଇଁ ଆମ ଅର୍ଥନୀତିକୁ ବିଦେଶୀ ପୁଞ୍ଜି ନିବେଶ ପାଇଁ ଅଧିକ ଉନ୍ମୁକ୍ତ କରି ଦିଆଯିବା ଉଚିତ୍ । ଏଥପାଇଁ ଅର୍ଥନୀତିର ସମସ୍ତ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରଗୁଡ଼ିକରେ ବିଦେଶୀ ପୁଞ୍ଜିର ଅବାଧ ପ୍ରବେଶ ପାଇଁ ଖୋଲି ଦିଆଯାଉଛି ।

ଦୀର୍ଘ ଏକ ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ଅତିକ୍ରାନ୍ତ ହୋଇଥିଲେ ମଧ୍ୟ ସରକାର ବୀମା ଶିଳ୍ପରେ ବିଦେଶୀ ପୁଞ୍ଜିକୁ ୨୬ ପ୍ରତିଶତରୁ ୪୯ ପ୍ରତିଶତକୁ ବୃଦ୍ଧି କରିବାରେ ଆଜି ପର୍ଯ୍ୟନ୍ତ ସଫଳ ହୋଇନାହାଁନ୍ତି ; ଏଥିପାଇଁ AIIEA ନେତୃତ୍ୱରେ ବୀମା କର୍ମଚାରୀଙ୍କ ନିରବଚ୍ଛିନ୍ନ ତୀବ୍ର ପ୍ରତିରୋଧ ହିଁ ଧନ୍ୟବାଦର ପାତ୍ର । କଂଗ୍ରେସ ଓ ବିଜେପି – ଏହି ଦୁଇଟି ଦଳ ମଧ୍ୟରେ ସମନ୍ୱୟର ଅଭାବ ହେତୁ ସରକାର ବୀମାଶିଳ୍ପରେ ବିଦେଶୀ ଅଂଶଧନ ସୀମା ବୃଦ୍ଧି କରିପାରି ନାହାଁନ୍ତି ବୋଲି ଯାହା ପ୍ରଚାର କରାଯାଉଛି ତାହା ଭ୍ରମାତ୍ମକ । କିନ୍ତୁ ବାସ୍ତବରେ ନବ୍ୟ ଉଦାରବାଦ ହିଁ ଏହି ଦୁଇ ଦଳକୁ ଏକତ୍ର କରିଛି , ଏହି କଥା ବୁଝିବା ପାଇଁ ଜଣକୁ ରାଜନୈତିକ କିମ୍ବା ଅର୍ଥନୈତିକ ବିଶାରଦ ହେବା ଜରୁରୀ ନୁହେଁ । ଦେଶର ଅର୍ଥନୀତି ଓ ବୈଦେଶିକ ପୁଞ୍ଜି ସଂପର୍କିତ ସମସ୍ତ ବିଷୟରେ ଏହି ଦୁଇଟି ଦଳ ପରସ୍ପରକୁ ସମର୍ଥନ ଦେଇଥାନ୍ତି । ଏଣୁ ବିଦେଶୀ ପୁଞ୍ଜି ପ୍ରତି ଏହି ଦୁଇ ଦଳ ସଦା ସର୍ବଦା ଆକୃଷ୍ଟ । AIIEA ନେତୃତ୍ୱରେ ବୀମା କର୍ମଚାରୀଙ୍କ ଦୀର୍ଘଦିନର ଲଢ଼େଇ କେବଳ ଜନସାଧାରଣଙ୍କୁ ସରକାରଙ୍କ ଏତାଦୃଶ ନୀତିକୁ ବିରୋଧ କରିବା ପାଇଁ ଏକଜୁଟ୍ କରିବାରେ ସଫଳ ହୋଇନାହିଁ ତତ୍‌ସହିତ ଏହି ବିଷୟରେ ରାଜନୈତିକ ବିରୋଧାଭାସ ସୃଷ୍ଟି କରିବାରେ ସଫଳ ହୋଇଛି । ଏଣୁ ନିରନ୍ତର ଦୃଢ଼ ସଂଗ୍ରାମ ମାଧ୍ୟମରେ AIIEA ଆଜି ପର୍ଯ୍ୟନ୍ତ ବୀମା ଶିଳ୍ପରେ ବିଦେଶୀ ପୁଞ୍ଜିର ବୃଦ୍ଧି ପ୍ରସ୍ତାବକୁ ରୋକି ପାରିଛି । ଗତ ଦୁଇ ବର୍ଷ ମଧ୍ୟରେ ଭାରତୀୟ ଅର୍ଥନୀତି ଅତି ସଙ୍କଟଜନକ ପରିସ୍ଥିତି ଦେଇ ଗତି କରିଆସିଛି । ସଞ୍ଚୟ ହାର ହ୍ରାସ ପାଇଛି । ଲଗାମହୀନ ମୁଦ୍ରାସ୍ଫିତି ସମୟରେ ଜନସାଧାରଣ ଆର୍ଥିକ ସମ୍ପତ୍ତି ପରିବର୍ତ୍ତେ ଭୌତିକ ସମ୍ପତ୍ତି ପୁଞ୍ଜି ନିବେଶ କରିବାକୁ ଶ୍ରେୟସ୍କର ମନେ କରିଛନ୍ତି । ଏତେ ସବୁ ପ୍ରତିବନ୍ଧକ ସତ୍ତ୍ୱେ LIC ଓ ରାଷ୍ଟ୍ରାୟତ୍ତ ସାଧାରଣ ବୀମା କମ୍ପାନୀ ଗୁଡ଼ିକର ପ୍ରଦର୍ଶନ ପ୍ରଶଂସନୀୟ ଅଟେ । ହସ୍ତଗତ ତଥ୍ୟ ଅନୁଯାୟୀ, ଚଳିତ ବର୍ଷ ମଧ୍ୟ LIC ଉଲ୍ଲେଖନୀୟ ପ୍ରଗତି ହାସଲ କରିବ ।

**ରଣନୀତି**

**ଯେ ପର୍ଯ୍ୟନ୍ତ ଏକ ସଶକ୍ତ ରାଷ୍ଟ୍ରାୟତ୍ତ କ୍ଷେତ୍ର କ୍ରିୟାଶୀଳ ହୋଇ ରହିଛି, ସେ ପର୍ଯ୍ୟନ୍ତ ଘରୋଇ କ୍ଷେତ୍ରର ଆଶା ଆକାଂକ୍ଷା ଓ ଲାଭ ମନୋବୃତ୍ତି ଉପରେ ଅଙ୍କୁଶ ରହିଥିବ । ଏହିଭଳି ପରିସ୍ଥିତିରେ ନବ୍ୟ ଉଦାରବାଦ ଘରୋଇ କ୍ଷେତ୍ରକୁ ଶକ୍ତିଶାଳୀ କରିବା ଦିଗରେ ଚେଷ୍ଟିତ ରହିବ । ଘରୋଇ କ୍ଷେତ୍ରର ପରିସର ବୃଦ୍ଧି ତଥା ବିପୁଳ ପରିମାଣର ଆନ୍ତର୍ଜାତୀୟ ପୁଞ୍ଜି ଘଟାଇ ରାଷ୍ଟ୍ରାୟତ୍ତ କ୍ଷେତ୍ରକୁ ମୂଳପୋଛ କରାଯାଇପାରିବ ବୋଲି ଏହା ବିଚାର କରେ । ଏହା ହେଉଛି ନବ୍ୟ ଉଦାରବାଦର ଗେମ୍ ପ୍ଲାନ୍ ବା ରଣନୀତି ।**

ଭାରତବର୍ଷର ବୀମା ଶିଳ୍ପ ଅତ୍ୟନ୍ତ ଶକ୍ତିଶାଳୀ ଏବଂ ଏହାର ବିକାଶର ଆହୁରି ସମ୍ଭାବନା ରହିଛି । ବିଶ୍ୱ ଅର୍ଥନୈତିକ ପୁଞ୍ଜି (World Finance Capital) ଯେ କୌଣସି ପ୍ରକାରର ପ୍ରତିବନ୍ଧକ ଦୂର କରି ଆମ ଅର୍ଥନୀତିରେ ବିଦେଶୀ ପୁଞ୍ଜିର ପ୍ରଭାବ ବୃଦ୍ଧି ପାଇଁ ଭାରତୀୟ ଶାସକ ଶ୍ରେଣୀର ସମସ୍ତ ଉଦ୍ୟମକୁ ବିଶ୍ୱ ସାମ୍ରାଜ୍ୟବାଦ ତଥା ବିଶ୍ୱ ପୁଞ୍ଜି ସବୁ ପ୍ରକାର ମଦତ୍ ଯୋଗାଉଛି । ସେଥିପାଇଁ ଦେଶର ସମସ୍ତ ରାଷ୍ଟ୍ରାୟତ୍ତ କ୍ଷେତ୍ର ପ୍ରଚଣ୍ଡ ଚାପର ସମ୍ମୁଖୀନ ହେବେ । ବ୍ୟାଙ୍କିଙ୍ଗ ନିୟନ୍ତ୍ରଣ ଆଇନରେ ସଂଶୋଧନ ଏବଂ PFRDA ବିଲ୍ ଗୃହୀତ କରି ପେନସନ୍ ପାଣ୍ଠି ଅଧିନିୟମରେ ସଂଶୋଧନ କରିବାରେ ସଫଳ ହେବା ପରେ ବୀମା ଆଇନ ସଂଶୋଧନ ବିଲ୍ ପାଶ୍ କରାଇବା ପାଇଁ ଅନ୍ତିମ କ୍ଷଣରେ ଉପାସରକାର ଚେଷ୍ଟା ଅବ୍ୟାହତ ରଖିବେ । ଜାତୀୟ ସ୍ୱାର୍ଥ ପ୍ରତି ଏହି ବିଲ୍‌ରେ ଥିବା ଅନ୍ତର୍ନିହିତ ବିପଦ ସବୁକୁ ଜନସାଧାରଣଙ୍କୁ ଅବଗତ କରାଇବା ଆମର ଦାୟିତ୍ୱ ଅଟେ । **ନିଶ୍ଚିତ ଭାବେ , କୌଣସି ଶିଥିଳତା ନ ଦେଖାଇ ରାଷ୍ଟ୍ରାୟତ୍ତ ବୀମା ଶିଳ୍ପର ସୁରକ୍ଷା ପାଇଁ ସଂଗ୍ରାମକୁ ଆଗେଇ ନେବା ସର୍ବାଦୌ ବାଞ୍ଛନୀୟ ।**

**ଭାଷାନ୍ତର – ରଞ୍ଜିତ ରାଉତ , ସହ ସମ୍ପାଦକ ,CDIEA**

❖❖❖



# ଆମ ନାଆରେ ଆମେ ନାଉରୀ

**ଭାରତ ଭୂଷଣ ନାୟକ, ସାଂଗଠନିକ ସମ୍ପାଦକ, BDLIEA**

ସ୍ୱାଧୀନତା ସଂଗ୍ରାମ ବେଳେ ଦେଶବାସୀ ଯେଉଁ ସ୍ୱପ୍ନ ଦେଖିଥିଲେ ତାହା ହେଲା 'ଆମ ନାଆରେ ଆମେ ନାଉରୀ' ହୋଇ ବିଦେଶୀ ଶାସନର ବିଲୋପ ସହ ଆତ୍ମନିର୍ଭରଶୀଳ ହେବା, ରଜା ଜମିଦାରଙ୍କ ଶୋଷଣର ଅବସାନ ଘଟାଇବା। ଏହା ସହ ଅର୍ଥନୈତିକ ସ୍ୱାଧୀନତା ସାଙ୍ଗକୁ ଦେଶର ଅର୍ଥନୀତିକୁ ନିଜ ଗୋଡ଼ରେ ଠିଆ କରାଇ ସାଧାରଣ ମଣିଷର ଜୀବନକୁ ସମୃଦ୍ଧ କରିବାର ସଂକଳ୍ପ ରହିଥିଲା ସ୍ୱାଧୀନ ଭାରତର ଚିତ୍ର ସହିତ ।

କିନ୍ତୁ ସ୍ୱାବଲମ୍ବନଶୀଳ ହେବାର ସ୍ୱପ୍ନ ଆଜି ସୁଦୂରପରାହତ । ବିଶେଷ ଭାବେ **ଗତ ଦୁଇ ଦଶନ୍ଧିରୁ ଊର୍ଦ୍ଧ୍ୱ ଧରି ନବ୍ୟ ଉଦାରବାଦୀ ନୀତି ଅନୁସରଣ କରିବା ଫଳରେ ଦେଶର ଆର୍ଥିକ ସାର୍ବଭୌମତ୍ୱ ଓ ସ୍ୱାଧୀନତା ବିପନ୍ନ ହୋଇଛି** । ବରଂ ଆମେରିକାର ଆଧିପତ୍ୟ ବିସ୍ତାର ପାଇଁ ଆମେ ଆଜି ତା'ର ରଣନୀତିଗତ ମିତ୍ର ସାଜିଛୁ । ଖୋଦ୍ ଆମେରିକାର ବୈଦେଶିକ ସଚିବ ଭାରତବର୍ଷକୁ ଏସିଆ ପ୍ୟାସିଫିକ୍ ଅଞ୍ଚଳରେ ତାଙ୍କର 'ଲିଂଚପିନ୍' ଅର୍ଥାତ୍ ଅବାରିତ ହିଂସ୍ରଲୀଳାର ଘାଟି ଭାବେ ଆଖ୍ୟାୟିତ କରିବାକୁ ପଛାଇ ନାହାଁନ୍ତି ।

ଦୁଃଖର ବିଷୟ ଭାରତ ସରକାର ମୁଣ୍ଡ ପାତି ତାହା ମାନି ନେଇଛନ୍ତି । ବର୍ମା ଓ ବଙ୍ଗଳା ଦେଶରେ ଆମେରିକାର ଏପରି ସବୁ କାର୍ଯ୍ୟକଳାପ ଲାଗି ଭାରତବର୍ଷକୁ ତା'ର ଘାଟି ଭାବେ ବ୍ୟବହାର କରୁଛି । ଆମର ତୈଳ ଅଭାବ ଦୂର କରିବାର କ୍ଷମତା ଥିବା ଇରାନ୍ ଓ ସିରିୟା ପରି ମଧ୍ୟ ପ୍ରାଚ୍ୟ ପରି ବନ୍ଧୁ ରାଷ୍ଟ୍ରଙ୍କ ବିରୁଦ୍ଧରେ ଠିଆ ହେବାକୁ ଆମେରିକା ଆଜି ଆମକୁ ବାଧ୍ୟ କରୁଛି । ଆମ ଅର୍ଥନୈତିକ ନୀତିରେ ହସ୍ତକ୍ଷେପ କରୁଛି । ଆମର ବ୍ୟାଙ୍କ ଓ ବୀମା ଆଦି ଆର୍ଥିକ କ୍ଷେତ୍ର ତଥା ନିଯୁକ୍ତି ସୃଷ୍ଟିକାରୀ ଖୁଚୁରା ବେପାରରେ ବିଦେଶୀ ସଂସ୍ଥାଙ୍କ ଅନ୍ଧାଧୁନିଆ ପ୍ରବେଶ ପାଇଁ ଖୋଦ୍ ଆମେରିକା ରାଷ୍ଟ୍ରପତି ମଧ୍ୟ ପରାମର୍ଶ ଦେବାକୁ ସାହସ କରିଛନ୍ତି । ସତେ ଯେପରି ଏଇ ନବ୍ୟ ଉଦାରବାଦୀ ବ୍ୟବସ୍ଥା ଫାସରେ ଆମ ବୈଦେଶିକ ନୀତି ଠାରୁ ଅର୍ଥନୈତିକ ନୀତି ପର୍ଯ୍ୟନ୍ତ ସବୁ କିଛି ବନ୍ଧା ପଡ଼ିଯାଇଛି । ତେବେ ଆମେରିକାର ଏହି ବ୍ୟବହାର କେବଳ ଭାରତର କୂଟନୈତିକ ମହଲରେ ହିଁ ସୀମିତ ନୁହେଁ । ନିକଟରେ ଆମେରିକାରେ ଅବସ୍ଥାପିତ ଭାରତୀୟ କନସଲ ଜେନେରାଲ୍ ଦେବଯାନୀ ଖୋବ୍ରାଗେଡ଼ଙ୍କୁ କିପରି ହଟହଟା କରାଯାଇଛି ତାହା ଆମେ ସମସ୍ତେ ଜାଣୁ । ଏତିକିରେ ଏହା ସୀମିତ ନୁହେଁ, ଏପରିକି ପୂର୍ବତନ ରାଷ୍ଟ୍ରପତି ଅବ୍‌ଦୁଲ୍ କଲାମଙ୍କୁ କେବଳ ଆମେରିକାରେ ନୁହେଁ ସୁରକ୍ଷା ଯାଞ୍ଚ ନାଁରେ ତାଙ୍କୁ ଭାରତରେ ବି ଆମେରିକୀୟ ବିମାନ ଅଧିକାରୀମାନେ ଅପମାନସୂଚକ ତଲାସି କରିଥିଲେ । ୨୦୦୯ରେ ତାଙ୍କର ନ୍ୟୁୟର୍କ ଗସ୍ତ ସମୟରେ ସେ ଭାରତର ପୂର୍ବତନ ରାଷ୍ଟ୍ରପତି ବୋଲି ଜାଣିବା ସତ୍ତ୍ୱେ ତାଙ୍କର ପୋଷାକ ଓ ମୋଜା ଖୋଲି ତଲାସି କରାଯାଇଥିଲା । ତା' ପୂର୍ବରୁ ୨୦୦୨ ଓ ୨୦୦୩ ମସିହାରେ ତତ୍କାଳୀନ ପ୍ରତିରକ୍ଷା ମନ୍ତ୍ରୀ ଜର୍ଜ ଫର୍ନାଣ୍ଡିଜଙ୍କୁ ତାଙ୍କ ଆମେରିକା ଗସ୍ତ ସମୟରେ ଆମେରିକୀୟ ଅଧିକାରୀମାନେ ଉଲଗ୍ନ କରି ସୁରକ୍ଷା ଯାଞ୍ଚ କରିଥିଲେ । ଅଭିନେତା ଶାହରୁଖ ଖାନ୍ ମଧ୍ୟ ନିଜର ଆମେରିକା ଗସ୍ତ ସମୟରେ ଏଭଳି କାର୍ଯ୍ୟ ବ୍ୟବହାରର ସମ୍ମୁଖୀନ ହୋଇଥିଲେ । ୨୦୧୨ ରେ କେନ୍ଦ୍ରମନ୍ତ୍ରୀ ପ୍ରଫୁଲ୍ଲ ପଟେଲ ସିକାଗୋରେ ଅପମାନଜନକ ଅଟକ ଓ ଯାଞ୍ଚର ସମ୍ମୁଖୀନ ହୋଇଥିବା ବେଳେ ଗତ ବର୍ଷ ଉତ୍ତରପ୍ରଦେଶର ବରିଷ୍ଠ ମନ୍ତ୍ରୀ ଆଜମ୍ ଖାନ୍ ମଧ୍ୟ ଆମେରିକୀୟ ଅଧିକାରୀମାନଙ୍କ ଅଭଦ୍ର ବ୍ୟବହାରର ଶିକାର ହୋଇଥିଲେ ।

**ଆମେରିକା ଯେପରି ବିଶ୍ୱର ହର୍ତ୍ତାକର୍ତ୍ତା ଦୈବୀ ବିଧାତା ଅହଂକାରରୁ ମୁକ୍ତ ହୋଇପାରୁନି ଆମ ଦେଶର ଶାସକ ଗୋଷ୍ଠୀ ମଧ୍ୟ ନିଜକୁ ଆମେରିକାର ଦୟାର ପାତ୍ର ବୋଲି ମନେ କରୁଛନ୍ତି ।**

ଅପର ପକ୍ଷରେ ଦୁର୍ନୀତିର କରାଳ ଛାୟା ଦେଶକୁ ଗ୍ରାସ କଲାଣି । ଆହୁରି ଦୁଃଖର ବିଷୟ ହେଲା ସାଧାରଣ ମଣିଷ ସମ୍ମୁଖୀନ ହେଉଥିବା ଦୁର୍ଦ୍ଦଶା ବିଷୟରେ ସରକାର ସମ୍ପୂର୍ଣ୍ଣ ନୀରବ । କୃଷକ ତା ଫସଲ ଲାଗି ଲାଭଦାୟକ ଦର ପାଉ ନଥିଲେ ମଧ୍ୟ ଅତ୍ୟାବଶ୍ୟକ ଖାଦ୍ୟଶସ୍ୟର ମୂଲ୍ୟ ଅହେତୁକ ବୃଦ୍ଧି ପାଇଛି । ବେକାରୀ ଓ ଛଟେଇ ଜ୍ୱାଳାରେ ଦଗ୍ଧ ହେଉଥିବା ଯୁବକ ଓ ଯୁବତୀଙ୍କ ପାଇଁ ସେପରି କୌଣସି ପଦକ୍ଷେପ ନାହିଁ । ଜି.ଡ଼ି.ପି. ବୃଦ୍ଧି ବିଷୟରେ ଯେଉଁ ଡିଣ୍ଡିମ ପିଟା ଯାଉଥିଲା ତାହା ଥିଲା ନିଯୁକ୍ତି ବିହୀନ ଅଭିବୃଦ୍ଧି । ସେ ଅଭିବୃଦ୍ଧିର ହାର ମଧ୍ୟ ପାଣି ଫୋଟକା ପରି ମିଳାଇ ଗଲାଣି । ସରକାର ସରକାରୀ ଚାକିରୀର ନୂତନ ନିଯୁକ୍ତିରେ ନିଷେଧାଜ୍ଞା ଜାରୀ କରିଛନ୍ତି । ସଂଗଠିତ କ୍ଷେତ୍ରରେ ନିଯୁକ୍ତି ହ୍ରାସ ପାଉଛି ।

ଅସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକଙ୍କ ନିରାପତ୍ତା, ମଜୁରୀର ନିରାପତ୍ତା ସଂପର୍କରେ କୌଣସି ପୂର୍ଣ୍ଣାଙ୍ଗ ଆଇନ ସରକାର କରୁନାହାଁନ୍ତି । ଏପରିକି ମହାତ୍ମାଗାନ୍ଧୀ ନରେଗାରେ ଗତ ଆର୍ଥିକ ବର୍ଷରେ ଲୋକଙ୍କୁ ମାତ୍ର ୪୦ ରୁ ୫୦ ଦିନ କାମ ମିଳିଛି ବୋଲି ସରକାରୀ ତଥ୍ୟ କହେ । ସେଇଭଳି କୃଷକଙ୍କ ଆତ୍ମହତ୍ୟା ବନ୍ଦ କରିବା ପାଇଁ ସ୍ୱାମୀନାଥନ୍ କମିଟିଙ୍କ ସୁପାରିଶ୍ କାର୍ଯ୍ୟକାରୀ କରିବା ବିଷୟରେ ପ୍ରତିଶ୍ରୁତି ଦେବାକୁ ପ୍ରଧାନମନ୍ତ୍ରୀ ପ୍ରସ୍ତୁତ ନୁହଁନ୍ତି ।

ଆଶ୍ଚର୍ଯ୍ୟର ବିଷୟ ନବ୍ୟଉଦାରବାଦୀ ନୀତି ଆମ ଦେଶକୁ ଏପରି ଦୁର୍ଦ୍ଦଶା ଭିତରକୁ ଠେଲି ଦେବା ସତ୍ତ୍ୱେ ସେହି ସଂସ୍କାର କାର୍ଯ୍ୟକ୍ରମ ଗୁଡ଼ିକ ପୁରା ମାତ୍ରାରେ କାର୍ଯ୍ୟକାରୀ କରିନଥିବାରୁ ମାର୍କିନ ସମ୍ବାଦପତ୍ରରେ ପ୍ରଧାନମନ୍ତ୍ରୀଙ୍କୁ 'ଅପାରଗ' ଭଳି ଗାଳି ଶୁଣିବାକୁ ପଡ଼ିଛି । ଏଇ ସମାଲୋଚନା ପରେ ଆମ ଦେଶରେ ସଂସ୍କାର କାର୍ଯ୍ୟକ୍ରମ ଗୁଡ଼ିକ ଦ୍ରୁତ ଗତିରେ କାର୍ଯ୍ୟକାରୀ କରିବା ପାଇଁ ସରକାର ତତ୍ପର ଭାବେ ବାହାରିଛନ୍ତି । ଫଳରେ ଡିଜେଲ୍ , ପେଟ୍ରୋଲ ଓ ରନ୍ଧନଗ୍ୟାସ ଆଦି ପେଟ୍ରୋପଦାର୍ଥର ଦର ବଢ଼ାଇବା ସହ ଡିଜେଲକୁ ପେଟ୍ରୋଲ ପରି ନିୟନ୍ତ୍ରଣ ମୁକ୍ତ କରିବା , ବ୍ୟାଙ୍କ , ବୀମା ଆଦି ଆର୍ଥିକ କ୍ଷେତ୍ରରେ ବିଦେଶୀ ପୁଞ୍ଜିର ଆଧିପତ୍ୟ ବିସ୍ତାର ଲାଗି ପଥ ପ୍ରଶସ୍ତ କରିବା ପୁନଶ୍ଚ ମିତବ୍ୟୟତା ନାମରେ ଜନକଲ୍ୟାଣ କ୍ଷେତ୍ରରୁ ଖର୍ଚ୍ଚକାଟ କରିବା ଆଦି ସିଦ୍ଧାନ୍ତ ସାଧାରଣ ଜନତାଙ୍କ ଉପରେ କୁପ୍ରଭାବ ପକାଇଛି ।

ଏସବୁ ତଥାକଥିତ ସଂସ୍କାର ଓ ମିତବ୍ୟୟତା ଆଦିର ପରିଣତି ପୃଥିବୀର ଉନ୍ନତ ପୁଞ୍ଜିବାଦୀ ରାଷ୍ଟ୍ର ଗୁଡ଼ିକରେ ଯାହା ହୋଇଛି ସେହି ଭୟଙ୍କର ପରିଣତି ଯେପରି ଅପେକ୍ଷା କରିଛି ଭାରତବର୍ଷ ପାଇଁ । ଏଇ ନୀତି ବିରୁଦ୍ଧରେ ଆଜି ଛୁଟୁଛି ଧର୍ମଘଟ ଓ ଗଣବିକ୍ଷୋଭର ସ୍ରୋତ । ୟୁରୋପର ୩ଟି ଦେଶର ସରକାରଙ୍କୁ ଗାଦି ହରାଇବାକୁ ପଡ଼ିଛି । **ଯେଉଁ ଆମେରିକା ବିଶ୍ୱ ପୁଞ୍ଜିବାଦୀର କେନ୍ଦ୍ର, ତାହା ମଧ୍ୟ 'ୱାଲଷ୍ଟ୍ରିଟ୍ ଦଖଲକର' ଧ୍ୱନିରେ ମୁଖରିତ । ଆମ ଦେଶର ଶାସକଶ୍ରେଣୀ ଓ ମୁଖ୍ୟ ବିରୋଧିଦଳ ଏସବୁଥିରୁ କିଛି ଶିକ୍ଷା ନେବାକୁ ଚାହାଁନ୍ତି ନାହିଁ। ସାମ୍ରାଜ୍ୟବାଦୀ ଚକ୍ରାନ୍ତ ମୁକାବିଲା କରି ଦେଶର ସ୍ୱାଧୀନତା ସାର୍ବଭୌମତ୍ୱ, ଆତ୍ମନିର୍ଭରଶୀଳତା ଓ ଧର୍ମନିରପେକ୍ଷତାକୁ ଅକ୍ଷୁର୍ଣ୍ଣ ରଖିବାର ବାସ୍ତବିକ ଦାୟିତ୍ୱ ଆଜି ଶ୍ରମିକଶ୍ରେଣୀ ମୁଣ୍ଡରେ** । ତେବେ 'ଆମ ନାଆରେ ଆମେ ନାଉରୀ' ର ସ୍ୱପ୍ନ ସଫଳ ହେବା ପାଇଁ ଆଜି ଶ୍ରମିକ ଶ୍ରେଣୀ ଆହୁରି ଅଧିକ ସଂଗ୍ରାମ ପାଇଁ ପ୍ରସ୍ତୁତ ହେବା ଉଚିତ୍ ।

❖❖❖

''ଭାରତୀୟ ଅର୍ଥ ବ୍ୟବସ୍ଥାରେ ଥିବା ସମସ୍ୟା ପାଇଁ ସମାଧାନ ପ୍ରଚଳିତ ଆର୍ଥିକ ନୀତିରେ ନାହିଁ । ଯଦି ବର୍ଷ ବର୍ଷ ଧରି ଚାଲିଥିବା ବ୍ରିଟିଶ୍ ଶାସନକୁ ବଦଳାଇ ଦିଆଯାଇ ପାରିଥିଲା, ଅର୍ଥନୈତିକ ସଂସ୍କାରକୁ ମଧ୍ୟ ପରିବର୍ତ୍ତନ କରାଯାଇପାରିବ ।''

**ପ୍ରଫେସର ପ୍ରଭାତ ପଟ୍ଟନାୟକ**



# ରାଷ୍ଟ୍ର ଓ ଅନ୍ଧବିଶ୍ୱାସ

**ରଞ୍ଜିତ୍ ରାଉତ, ସହ ସମ୍ପାଦକ, CDIEA**

ଏକଦା ମୁଁ ଯୋଗ ଦେଇଥିବା ଗୋଟିଏ ଶ୍ରମିକ ସଂଗଠନର ଶିକ୍ଷା ଶିବିରରେ ଶିକ୍ଷାଦାନ ଅବସରରେ AIIEAର ପୂର୍ବତନ ଯୁଗ୍ମ ସମ୍ପାଦକ ସାଥୀ ଆର୍.ଗୋବିନ୍ଦରାଜନ୍ କହିଥିଲେ ,'ମୁଁ ବିଜ୍ଞାନ ଦ୍ୱାରା ପ୍ରମାଣିତ ସତ୍ୟରେ ବିଶ୍ୱାସ କରେ । ଆଜି ଯାହା ସତ୍ୟ ,କାଲି ଯଦି ତାକୁ ବିଜ୍ଞାନ ମିଥ୍ୟା ବୋଲି ପ୍ରମାଣ କରେ, ତେବେ ମୁଁ ସେହି ନୂତନ ପ୍ରମାଣିତ ତଥ୍ୟକୁ ନିଶ୍ଚୟ ଗ୍ରହଣ କରିବି'। ମଣିଷର ମନ ସର୍ବଦା ଅନିସନ୍ଧିତ୍ସୁ । ଏଥିପାଇଁ ଆମେ ସାଧାରଣ ଭାବରେ ବଞ୍ଚିବାର ଅନେକ ସାଧନ ହାସଲ କରିଛୁ । କିନ୍ତୁ ଏତେ ପ୍ରଗତି ହାସଲ ପରେ ବି ସମାଜରୁ ଅନ୍ଧବିଶ୍ୱାସ ଦୂର କରିବା ସମ୍ଭବ ହୋଇପାରିନି । ଏହାର ମୌଳିକ କାରଣ ଗରିବୀ ସଂଖ୍ୟା ହ୍ରାସ ନ ହେବା ଓ ପ୍ରକୃତ ଶିକ୍ଷାର ପ୍ରସାର କରିବାରେ ବିଫଳତା ।

ସ୍ୱାଧୀନତାର ୬୮ ବର୍ଷ ପରେ ବି ଆମ ଦେଶରେ ନିରକ୍ଷରତାର ହାର ଅଧିକ ରହିଛି । ଆଦିବାସୀ , ଦଳିତ ପୁରୁଷ ଓ ମହିଳା କ୍ଷେତ୍ରରେ ଏହି ହାର ତୁଳନାତ୍ମକ ଭାବେ ଅଧିକ । ଭାରତବର୍ଷର ମୋଟ ଜନସଂଖ୍ୟାର ୮୦ ପ୍ରତିଶତରୁ ଅଧିକ ଆଜି ବି ଦିନକୁ ୨୦ ଟଙ୍କା ରୋଜଗାର ମଧ୍ୟରେ ଚଳିବାକୁ ବାଧ୍ୟ ହେଉଛନ୍ତି । ଭୋକିଲା ପେଟର ଯନ୍ତ୍ରଣା ଅନ୍ୟ ସବୁ ଯନ୍ତ୍ରଣା ଠାରୁ ଅଧିକ। ଏହି ଯନ୍ତ୍ରଣାର ପ୍ରଚ୍ଛଦପଟ ତା ପାଇଁ କୌଣସି ପ୍ରାସଙ୍ଗିକତା ରଖେ ନାହିଁ । ସେହିପରି ଅଶିକ୍ଷିତ ମନରେ ବସା ବାନ୍ଧି ରହିଥିବା ଅବଧାରଣାର ମୂଳୋତ୍ପାଟନ ବାସ୍ତବ ଶିକ୍ଷା ବ୍ୟତିରେକ ଅସମ୍ଭବ । **ସ୍ୱାଭାବିକ ଭାବରେ , ଏକ ଜନମଙ୍ଗଳକାରୀ ଗଣତାନ୍ତ୍ରିକ ରାଷ୍ଟ୍ର ସମାଜରେ ଶିକ୍ଷାର ପ୍ରସାର କରିବା ଓ ଗରିବୀ ହଟାଇବା ନିର୍ବାଚିତ ସରକାରଙ୍କର ଉଭୟ ମୌଳିକ କର୍ତ୍ତବ୍ୟ ଓ ଦାୟିତ୍ୱ** । କାରଣ ଏହାରି ମାଧ୍ୟମରେ ହିଁ କାରଣ ସମ୍ମତ ସତ୍ୟର ପ୍ରସାର ଓ ଅବୈଜ୍ଞାନିକ ଚିନ୍ତାଧାରାର ବିଲୋପ ସାଧନ ହୋଇପାରିବ । କିନ୍ତୁ ରାଷ୍ଟ୍ର ଅନ୍ଧବିଶ୍ୱାସ ଭଳି କୁପ୍ରଥାର ପୃଷ୍ଠପୋଷକତା କରିବା ନିହାତି ଲଜ୍ଜାକର ଓ ପରିତାପର ବିଷୟ । ଆମ୍ଭେମାନେ ଜାଣିଛୁ ଯେ, ଉତ୍ତରପ୍ରଦେଶ ରାଜ୍ୟର ଗୋଟିଏ ମନ୍ଦିର ନିକଟସ୍ଥ ଭୂମି ତଳେ ୧୦୦୦ଟନ ସୁନା ଗଚ୍ଛିତ ରହିଛି ବୋଲି ସେଠିକାର ଜଣେ ସାଧୁ ସ୍ୱପ୍ନାଦେଶ ମାଧ୍ୟମରେ ଅବଗତ ହୋଇଥିବାର ସରକାରଙ୍କୁ ଜଣାଇଲେ । ତଦନୁଯାୟୀ ସରକାର ମଧ୍ୟ କୌଣସି ଭୌଗୋଳିକ ପରୀକ୍ଷା ବିନା ସଂପୃକ୍ତ ସ୍ଥାନରେ ଖନନ ଆଦେଶ ଦେଲେ । ବିଭିନ୍ନ ପ୍ରଚାର ମାଧ୍ୟମରେ ରାତି ଦିନ ପ୍ରଚାର ଚାଲିଲା । କେନ୍ଦ୍ର ସରକାର ମଧ୍ୟ, ଦେଶର ବିପର୍ଯ୍ୟସ୍ତ ଅର୍ଥନୀତିର ପୁନରୁଦ୍ଧାର ପାଇଁ ଅଦୃଶ୍ୟ ଶକ୍ତିର ଚମତ୍କାରୀ ଦାନ ବୋଲି ବିବୃତି ଦେଇ ସାଧାରଣ ଜନତାଙ୍କୁ ସ୍ୱପ୍ନର ରାଜ୍ୟରେ ବୁଲାଇଲେ । ଅର୍ଥାତ୍ ଗୋଟିଏ ଗଣତାନ୍ତ୍ରିକ ରାଷ୍ଟ୍ରର ନିର୍ବାଚିତ ସରକାର ଦେଶ ସମ୍ମୁଖୀନ ହେଉଥିବା ସମସ୍ୟାରୁ ଉଦ୍ଧାର ପାଇବା ପାଇଁ କୁସଂସ୍କାର ତଥ୍ୟ ଏବଂ କିଛି ଅଲୌକିକତାରେ ବିଶ୍ୱାସ କଲେ । ଏହାଠାରୁ ବଳି ଦୁଃଖର କଥା ଆଉ କ'ଣ ହୋଇପାରେ , ଯେଉଁଠି ରାଷ୍ଟ୍ରର ଚରିତ୍ର ଏଇୟା ସେଠି ନରେନ୍ଦ୍ର ଡାଭୋଲକର ଓ ଲିଙ୍କନ ସୁବୁଦ୍ଧିଙ୍କ ପରି ହେତୁବାଦି ପ୍ରଚାରକ, ଯେଉଁମାନେ କି ସମାଜରୁ ଅନ୍ଧବିଶ୍ୱାସ ବିଲୋପ କରିବା ଓ ସାମ୍ୟବାଦ ପ୍ରତିଷ୍ଠା ଦିଗରେ ଆଜୀବନ ସଂଗ୍ରାମରତ , ସେମାନଙ୍କୁ ବା କି ସୁରକ୍ଷା ମିଳିବ ? ସମାଜର ଉଜାଣି ସ୍ରୋତରେ ପହଁରିବାକୁ ଯାଇ , ଏହି ଦୁଇଜଣଙ୍କ ମଧ୍ୟରୁ ଜଣେ ଶହୀଦ ହୋଇଗଲେ ଓ ଅନ୍ୟ ଜଣେ ଅଳ୍ପକେ ବର୍ତ୍ତି ଗଲେ । ଏମିତି ଅନେକ ଉଦାହରଣ ତ ରହିଛି । କିନ୍ତୁ ସମାଜରୁ ଅନ୍ଧବିଶ୍ୱାସର ବିଲୋପ ଦିଗରେ ରାଷ୍ଟ୍ରର ଗୁରୁ ଦାୟିତ୍ୱ ରହିଛି । ରାଜନୀତିରୁ ଧର୍ମର ବିଚ୍ଛେଦ ଘଟିଲେ ହିଁ ପ୍ରକୃତରେ ଏକ ରାଷ୍ଟ୍ର ଧର୍ମନିରପେକ୍ଷ ବୋଲି କହିହେବ । ଭାରତ ପରି ଏକ ରାଷ୍ଟ୍ର ଯେଉଁଠି ବିଭିନ୍ନ ଧର୍ମ ସମ୍ପ୍ରଦାୟର ଲୋକ ବାସ କରନ୍ତି । ସେମାନଙ୍କର ନିଜ ନିଜର ଧର୍ମ ପ୍ରତି ଦୃଢ଼ ବିଶ୍ୱାସ ରହିଛି। କିନ୍ତୁ ପ୍ରତ୍ୟେକ ଧର୍ମର ମୂଳମନ୍ତ୍ର ଅହିଂସା, ପରୋପକାର ହୋଇଥିଲେ ମଧ୍ୟ ଧର୍ମର ଅର୍ଥକୁ ବିକୃତ କରାଯାଉଛି । ଧର୍ମ ନାମରେ ରାଜନୀତି କରାଯାଉଛି, ସାମ୍ପ୍ରଦାୟିକ ଦଙ୍ଗା ସୃଷ୍ଟି କରାଯାଉଛି । **ଧର୍ମ ନାମରେ କୁସଂସ୍କାରକୁ ପ୍ରୋତ୍ସାହନ ଦିଆଯାଉଛି । କେବଳ ନୀରକ୍ଷର ବ୍ୟକ୍ତି ନୁହଁନ୍ତି ବହୁ ଶିକ୍ଷିତ, ଉଚ୍ଚ ପଦପଦବୀରେ ଅଧିଷ୍ଠିତ ବ୍ୟକ୍ତି ମଧ୍ୟ ଏହି କୁସଂସ୍କାରକୁ ବିଶ୍ୱାସ କରି ଠକାମୀ, ପ୍ରବଞ୍ଚନାର ଶିକାର ହେଉଛନ୍ତି** । ରୋଗରୁ ମୁକ୍ତି ପାଇଁ ଔଷଧ ନ ଖାଇ ଭଣ୍ଡ ବାବାଙ୍କ ଶୋଷଣ ଓ ଯୌନ ନିର୍ଯ୍ୟାତନାର ଶରବ୍ୟ ହେଉଛନ୍ତି । ଧର୍ମର ଖୋଳପା ମଧ୍ୟରେ ସାଧାରଣ ପୂଜାରୀ ଠାରୁ ଆରମ୍ଭ କରି ତନ୍ତ୍ର, ମନ୍ତ୍ର, ଯନ୍ତ୍ର, ଗୁଣିଗାରେଡ଼ି, ଝଙ୍କାଫୁଙ୍କାର ପ୍ରୟୋଗ, ଡାହାଣୀ / କାଳିସୀ ଲାଗିବା, ମନ୍ତୁରା ତେଉଁରିଆ ଅଥବା ତାବିଜ ଧାରଣ କରିବା, ରତ୍ନପଥର ମୁଦ୍ରିକା ପିନ୍ଧିବା ଏହିପରି ଆହୁରି ଅନେକ କୁପ୍ରଥା ପ୍ରଚଳିତ । ଯାହା କୁସଂସ୍କାର ଓ ଅନ୍ଧବିଶ୍ୱାସ ଭାବେ ଆମେ ଜାଣୁ । **ପ୍ରଶ୍ନ ହେଉଛି ମାନବ ସଭ୍ୟତାର ଆଶ୍ଚର୍ଯ୍ୟଜନକ ପ୍ରଗତି ହୋଇଥିବାର ଗୌରବରେ ଆମେ ଗୌରବାନ୍ୱିତ ହେବା ସତ୍ତ୍ୱେ ସମାଜରେ ଅନ୍ଧବିଶ୍ୱାସ ଲୋପ ପାଉନାହିଁ କାହିଁକି ?**

ଗତ ୬୬ ବର୍ଷ ମଧ୍ୟରେ ଦେଶର ଦୁଇ ପ୍ରମୁଖ ଦଳ - କଂଗ୍ରେସ ଓ ବିଜେପି ଦେଶର ମୌଳିକ ସମସ୍ୟାରୁ ଦୂରେଇ ଯାଇ , ସାମାଜିକ ଦୃଷ୍ଟିଭଙ୍ଗୀ ପରିତ୍ୟାଗ କରି ସମାଜର ଗୋଟାଏ କ୍ଷୁଦ୍ର ଅଂଶର ସ୍ୱାର୍ଥରକ୍ଷା ପାଇଁ ନିରନ୍ତର କାର୍ଯ୍ୟ କରିଆସିଛନ୍ତି । ସେମାନଙ୍କ ଦ୍ୱାରା ଅନୁସୃତ ବିନାଶକାରୀ ନୀତି ଅନ୍ୟାନ୍ୟ ସମସ୍ୟା ସହିତ ଅନ୍ଧବିଶ୍ୱାସ ପରି ଭୟଙ୍କର ବ୍ୟାଧିକୁ ଅଧିକ ଉତ୍କଟ କରିଚାଲିଛି । ସମୟ ଆସିଛି ଆଜିର ସମାଜକୁ ଅନ୍ଧଗଳିରୁ ବାହାରକୁ ନେଇଯିବା ପାଇଁ , ଗୋଟିଏ ଉପଯୁକ୍ତ ବିକଳ୍ପ ସରକାର ଗଠନ କରିବା ପାଇଁ ପ୍ରସ୍ତୁତ ହେବା । ଆମେ ବିକଳ୍ପ ଦେଖିଛୁ ତ୍ରିପୁରାରେ , ଦେଖିଥିଲୁ ପଶ୍ଚିମବଙ୍ଗରେ , କେରଳରେ । ୨୦୧୪ରେ ହେବାକୁ ଥିବା ସାଧାରଣ ନିର୍ବାଚନ ପୁଣି ଆମ ପାଇଁ ଆଉ ଏକ ସୁଯୋଗ ଦେଇଛି । ଦେଶର ସମସ୍ତ ବୁଦ୍ଧିଜୀବୀ ବିଶେଷ କରି ବୀମା ଶିଳ୍ପରେ କାର୍ଯ୍ୟରତ ସମସ୍ତ କର୍ମଚାରୀ ତଥା AIIEAର ପ୍ରତ୍ୟେକ ସଭ୍ୟବନ୍ଧୁଙ୍କୁ ମନେପକାଇ ଦେବାକୁ ଚାହୁଁଛୁ ଯେ ଦେଶର ଏହିପରି ସନ୍ଧିକ୍ଷଣରେ ଆଗେଇ ଆସି ଏପରି ଏକ ସରକାର ଗଠନରେ ଅଂଶଗ୍ରହଣ କରନ୍ତୁ , ଯିଏ କି ବିଗତ ୬୬ ବର୍ଷର କାଳିମାକୁ ସମାଜରୁ ପୋଛିବାରେ ନିର୍ଦ୍ଦିଷ୍ଟ ପଦକ୍ଷେପ ନେଇପାରିବ । ଏହା ସମ୍ଭବ ହେବ କେବଳ ମେହନତି ମଣିଷର ଦରଦ, ଗରିବର ଦୁଃଖ ଓ ଭୋକିଲା ପେଟର ଯନ୍ତ୍ରଣା ଅନୁଭବ କରିପାରୁଥିବା ବାମପନ୍ଥୀ ଦଳ ସଂସଦରେ ଅଧିକ ସଂଖ୍ୟକ ଆସନରେ ବିଜୟୀ ହେବାରେ । ଏଣୁ ଆସନ୍ତୁ ଆମେ ମିଳିତ ହୋଇ ସେଇ ବିଜୟର ଧ୍ୱଜା ଉଡ଼ାଇବାରେ ନିଜକୁ ଏକାଠି କରିବା ।

❖❖❖

**LIC most Consumer friendly : IRDA, Times of India 3rd Jan. 2014 . (1) Lapse Ratio : LIC 5.6% Pvt Companies 17 to 42%. (2) LIC settled Claims 97.42%, O/S Claims 1.12 % - an extra ordinary achievement.**

# ଶିଶୁ ଅଧିକାର

ସ୍ମୃତିରେଖା ସାହୁ, ସହ ସମ୍ପାଦକ, BDIEA

ଆଗାମୀ ଦିନର ଭବିଷ୍ୟତ ହେଉଛନ୍ତି ଶିଶୁ । **ଦେଶ ତଥା ବିଶ୍ୱର ବିକାଶ ଧାରାରେ ଶିଶୁମାନେ ହେଉଛନ୍ତି ମୂଲ୍ୟବାନ ସମ୍ବଳ । ସେମାନଙ୍କର ବିକାଶ ବିନା କୌଣସି ଦେଶ କିମ୍ବା ଜାତିର ଭବିଷ୍ୟତ ଅନ୍ଧକାରାଚ୍ଛନ୍ନ** । ଏହି ବୃହତ୍ ମାନବ ସମ୍ବଳର ଉପଯୁକ୍ତ ବିକାଶ ହୋଇପାରିଲେ ତାହା ପୂର୍ଣ୍ଣ ମାନବ ସମ୍ବଳରେ ରୂପାନ୍ତରିତ ହୋଇ ଦେଶ ତଥା ଜାତିର ବିକାଶ ପଥକୁ ସୁଗମ କରିବାରେ ସହାୟକ ହେବ । ସମାଜ ନିର୍ମାଣରେ ଶିଶୁର ଏହି ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଉପଲବ୍ଧ କରି ମିଳିତ ଜାତିସଂଘର ସାଧାରଣ ପରିଷଦ ୧୯୫୯ ମସିହା ନଭେମ୍ବର ମାସରେ 'ଶିଶୁମାନଙ୍କର ଅଧିକାର' ପ୍ରଣୟନ କରିଥିଲା । ଏହାର ଲକ୍ଷ୍ୟ ଥିଲା ଶିଶୁମାନଙ୍କର ଉପଯୁକ୍ତ ଯତ୍ନ ଦ୍ୱାରା ଏକ ସୁସ୍ଥ ସବଳ ଓ ମୂଲ୍ୟବୋଧ ଭିତ୍ତିକ ସମାଜ ସୃଷ୍ଟି କରିବା । ଏଥି ସହିତ ଲକ୍ଷ୍ୟ ହାସଲ ନିମନ୍ତେ ଶିକ୍ଷା, ସ୍ୱାସ୍ଥ୍ୟର ବିକାଶରେ ଗୁରୁତ୍ୱ ଆରୋପ କରାଯାଇ ଆବଶ୍ୟକ ପରିବେଶ ସୃଷ୍ଟି କରିବା ପାଇଁ ଆହ୍ୱାନ ଦିଆଯାଇଥିଲା ।

ମାତ୍ର ଯାହା ସାଧାରଣ ଭାବେ ଦେଖାଯାଇଛି, ଅନେକ ସମୟରେ ଅବୋଧ ଶିଶୁଟିଏ ତା'ର ନିମ୍ନତମ ମୌଳିକ ଆବଶ୍ୟକତାରୁ ବଞ୍ଚିତ ହେବା ସହ ଅନେକ ସମୟରେ ବିଭିନ୍ନ ପ୍ରକାର ଶାରୀରିକ, ମାନସିକ, ଆର୍ଥିକ, ସାମାଜିକ ଉତ୍ପୀଡ଼ନ ଏପରିକି ଯୌନ ନିର୍ଯ୍ୟାତନାର ଶିକାର ହେଉଛି । ଏହାକୁ ଦୃଷ୍ଟିରେ ରଖି ୧୯୭୯ ମସିହାକୁ ଜାତିସଂଘ ଦ୍ୱାରା 'ଆନ୍ତର୍ଜାତିକ ଶିଶୁବର୍ଷ' ଭାବେ ଘୋଷଣା କରାଯିବା ସହ ସମସ୍ତ ସଦସ୍ୟ ରାଷ୍ଟ୍ର ଯେପରି ଶିଶୁ ମାନଙ୍କର ମୌଳିକ ଆବଶ୍ୟକତା ପ୍ରତି ଯତ୍ନବାନ ହେବେ । ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ସେମାନଙ୍କୁ ସମାନ ଅଧିକାର ପ୍ରଦାନ କରିବେ ସେଥିପ୍ରତି ଗୁରୁତ୍ୱ ଆରୋପ କରିଥିଲା । ଆମ ଦେଶରେ ପ୍ରଣୀତ ଜାତୀୟ ଶିଶୁନୀତି ଅନୁଯାୟୀ ଶିଶୁ ମାନଙ୍କର ବିକାଶ ନିମନ୍ତେ କେତୋଟି ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମ ଯଥା :- ଶିଶୁ ସ୍ୱାସ୍ଥ୍ୟ , ସୁରକ୍ଷା, ପୁଷ୍ଟିସାଧନ , ପ୍ରାକ୍ ବିଦ୍ୟାଳୟ ଶିକ୍ଷା , ଶିଶୁମାନଙ୍କର ଯତ୍ନ ନିମନ୍ତେ ଆନୁଷ୍ଠାନିକ ବ୍ୟବସ୍ଥା ,ପ୍ରଶିକ୍ଷଣ ଥଇଥାନ ଇତ୍ୟାଦିର ବ୍ୟବସ୍ଥା ରହିଛି । ଏଥି ସହିତ ଆମ ସମ୍ବିଧାନରେ ମଧ୍ୟ ଶିଶୁମାନଙ୍କର ଅଧିକାରକୁ ସ୍ୱୀକୃତି ତଥା ସେମାନଙ୍କର ସୁରକ୍ଷା ପାଇଁ ରାଷ୍ଟ୍ରର କର୍ତ୍ତବ୍ୟ ଓ ଦାୟିତ୍ୱ ବିଷୟରେ ଉଲ୍ଲେଖ ରହିଛି ।

୧୮ ବର୍ଷ ରୁ କମ୍ ସମସ୍ତ ମାନବ ହେଉଛନ୍ତି ଶିଶୁ । ଏଥିପାଇଁ ମାନବ ଅଧିକାର ମଧ୍ୟରେ ଶିଶୁ ଅଧିକାରକୁ ସଂଯୁକ୍ତ କରାଯାଉଅଛି । ମାନବ ଅଧିକାରରେ ନାଗରିକକୁ ପ୍ରଦାନ କରାଯାଇଥିବା ସାଂସ୍କୃତିକ , ଅର୍ଥନୈତିକ , ରାଜନୈତିକ ତଥା ସାମାଜିକ ଅଧିକାର ପରି ଶିଶୁମାନଙ୍କର ଅଧିକାରକୁ ସ୍ୱୀକୃତି ଦେବା ଲାଗି ୧୯୮୯ ମସିହାରେ ମିଳିତ ଜାତିସଂଘର ଏକ 'ସ୍ୱତନ୍ତ୍ର ଶିଶୁ ଅଧିକାର' ଚୁକ୍ତିନାମା' ଘୋଷିତ ହୋଇଥିଲା । ଏହି ଚୁକ୍ତିନାମା ତିନି ଗୋଟି ଭାଗରେ ବିଭକ୍ତ ଏବଂ ଏଥିରେ ସମୁଦାୟ ୫୪ ଗୋଟି ଧାରା ରହିଛି । ପ୍ରଥମ ଭାଗରେ ଧାରା ୧୦ ରୁ ୪୧ ପର୍ଯ୍ୟନ୍ତ ଶିଶୁ ଅଧିକାର ସଂପର୍କିତ । ଦ୍ୱିତୀୟ ଭାଗ ଧାରା ୪୨ ରୁ ୪୫ ପର୍ଯ୍ୟନ୍ତ ଏହି ଚୁକ୍ତିନାମାର ସଫଳ ରୂପାୟନ ପାଇଁ କାର୍ଯ୍ୟଧାରା , ତୃତୀୟ ଭାଗରେ ଧାରା ୪୬ ରୁ ୫୪ ପର୍ଯ୍ୟନ୍ତ ସଦସ୍ୟ ରାଷ୍ଟ୍ର ମାନଙ୍କର ଦାୟିତ୍ୱ ବିଷୟରେ ବର୍ଣ୍ଣନା ରହିଛି । **ତେବେ ଏହାର ମୁଖ୍ୟ ନୀତି ଗୁଡ଼ିକ ହେଲା ଶିଶୁମାନଙ୍କ ପ୍ରତି ପକ୍ଷପାତିତା ନ କରିବା , ଶିଶୁର ଇଚ୍ଛାକୁ ପ୍ରାଧାନ୍ୟ ଦେବା, ତା'ର ବଞ୍ଚିବାର ଅଧିକାର ସମ୍ମାନ ଦେବା ତଥା ବିକଶିତ ହେବାକୁ ସୁଯୋଗ ଦେବା** । ପ୍ରତ୍ୟେକ ବ୍ୟକ୍ତି ଶିଶୁର ଏହି ଅଧିକାର ବିଷୟରେ ସଚେତନ ହେବା ସହ ଏହି ସବୁ ଦିଗ ଗୁଡ଼ିକ ପ୍ରତି ଯତ୍ନବାନ ହୋଇପାରିଲେ ଶିଶୁମାନେ ନିଶ୍ଚିତ ଭାବରେ ଭବିଷ୍ୟତର ସୁନାଗରିକ ହୋଇପାରିବେ ।

❖❖❖



# ପୁଞ୍ଜିପତି ବନାମ ସାଧାରଣ ଜନତା

ବାମଦେବ ମିଶ୍ର, ଯୁଗ୍ମ ସମ୍ପାଦକ, OSGIEA

ଯଦି କିଛି ଗରିବ ସାଧାରଣ ଜନତାଙ୍କୁ ରିହାତି , ସହାୟତା ଦିଆଗଲା ତାକୁ ପପୁଲିଷ୍ଟ, ସଂସ୍କାର ବିରୋଧୀ କହି ଅନେକ ତଥାକଥିତ ବୁଦ୍ଧିଜୀବୀ ଏବଂ ପୁଞ୍ଜିପତି ବିରୋଧ କରିଥାନ୍ତି । କିନ୍ତୁ ଯଦି କୋଟି କୋଟି ଟଙ୍କା ରିହାତି, ଟିକସ୍ ଛାଡ଼ ପୁଞ୍ଜିପତି ଓ ଧନୀକଶ୍ରେଣୀଙ୍କୁ ଦିଆଗଲା ତାକୁ ସ୍ୱାଗତ କରାଯାଉଛି। ଅନେକ ସମୟରେ ସରକାର ଗରିବମାନଙ୍କୁ ସବ୍‌ସିଡ଼ି ଦେଲାବେଳେ ସମ୍ବଳର ଅଭାବ ବା ଆର୍ଥିକ ଅବସ୍ଥା ଭଲ ନାହିଁ ବୋଲି କହିଥାନ୍ତି । ଯଦି ସରକାରଙ୍କ ଆର୍ଥିକ ଅବସ୍ଥା ଭଲ ନାହିଁ ତେବେ ପ୍ରତ୍ୟେକ ବର୍ଷ ବଜେଟ୍‌ରେ ପୁଞ୍ଜିପତି ମାନଙ୍କୁ ହାରାହାରି ୫ ଲକ୍ଷ କୋଟି ଟଙ୍କା ଛାଡ଼ କରୁଛନ୍ତି କିପରି ? ଶାଗ ମାଛ ଦରରେ ରାଷ୍ଟ୍ରାୟତ୍ତ ଉଦ୍ୟୋଗକୁ ଘରୋଇ ମାଲିକଙ୍କ ହାତରେ ଟେକି ଦେଉଛନ୍ତି ଏହା କେଉଁ ଦେଶପ୍ରେମର ପରିଚୟ ? ଭାରତର ମୋଟ ଜନସଂଖ୍ୟାର ୧୦ ଭାଗ ଧନୀ ଲୋକ ମୋଟ ସମ୍ପତ୍ତିର ୫୩% ର ଅଧିକାରୀ । ସେମାନେ ସାଧାରଣ ଜୀବନରେ ସବୁ ସୁଖ ସ୍ୱାଚ୍ଛନ୍ଦ୍ୟର ଅଧିକାରୀ । ନୂତନ ଅର୍ଥନୀତି ପ୍ରଚଳନ ପରଠାରୁ ସେମାନଙ୍କର ସମ୍ପତ୍ତିର ଆଶାତୀତ ବୃଦ୍ଧି ଘଟି ଚାଲିଛି । ସେମାନଙ୍କ ଲୋଲୁପ ଦୃଷ୍ଟି ପଡ଼ିଛି ନିଯୁକ୍ତି ସୃଷ୍ଟିକାର ଖୁଚୁରା କ୍ଷେତ୍ରରେ। କାରଣ, ସେମାନେ ଖୁଚୁରା ବ୍ୟବସାୟୀକୁ ଦଖଲ କରି ଗରିବ ଖୁଚୁରା ବେପାରୀଙ୍କୁ ମାରିବେ । ସରକାରୀ ଧନରେ ଉତ୍ପାଦିତ ବିଦ୍ୟୁତ ଶକ୍ତିର ବଣ୍ଟନ କରି ଲୋକଙ୍କୁ ଶୋଷିବେ । ଚକଚକିଆ ଶିକ୍ଷା, ସ୍ୱାସ୍ଥ୍ୟ ଅନୁଷ୍ଠାନ ପ୍ରତିଷ୍ଠା କରି ସରକାରୀ ଅନୁଷ୍ଠାନକୁ ଦୁର୍ବଳ କରିବେ । ଫଳରେ ଗରିବ ଲୋକ ଶିକ୍ଷା ସ୍ୱାସ୍ଥ୍ୟରୁ ବଞ୍ଚିତ ହେବେ । ଆମ ପ୍ରାକୃତିକ ସମ୍ପଦ ଯଥା ଖଣି ,ଖାଦାନ ପାଣି ଶସ୍ତାରେ ନେଇ ମୁନାଫାର ପାହାଡ଼ ସୃଷ୍ଟି କରିବେ । ଏ ସବୁ ହାସଲ କରିବା ପାଇଁ ସେହି ପୁଞ୍ଜିପତିମାନେ ବିନା ଜନ ସମର୍ଥନରେ ସଂସଦକୁ (ରାଜ୍ୟସଭା)କୁ ଯିବେ କିମ୍ବା ଧନ ବଳ ଓ ବାହୁ ବଳ ପ୍ରୟୋଗ କରି ନିଜେ କିମ୍ବା ନିଜ ସମର୍ଥକଙ୍କୁ ଶାସନ ଗାଦିକୁ ପଠାଇବେ ଯେଉଁମାନେ ତାଙ୍କ ସ୍ୱାର୍ଥକୁ ସୁରକ୍ଷିତ ରଖିବେ ଏବଂ ବିଦେଶୀ ପୁଞ୍ଜିପତି ଖାଉଟିମାନଙ୍କ କଥା ମାନିବେ ।

କିନ୍ତୁ ଏହି ଅନିୟମିତତାକୁ ବଦଳାଇ ବିଦେଶୀ ମାନଙ୍କର ଛଦ୍ମ ଶାସନରୁ ଦେଶକୁ ମୁକ୍ତ କରି ଶୋଷଣ କଷଣ ବିରୁଦ୍ଧରେ ଗଣତାନ୍ତ୍ରିକ ଉପାୟରେ ଆନ୍ଦୋଳନ କରି ଏ ଶାସନ ବ୍ୟବସ୍ଥାକୁ ବଦଳାଇବାକୁ ପଡ଼ିବ । ନିର୍ବାଚନ ସମୟରେ ଆମକୁ ପ୍ରଗତିଶୀଳ ତଥା ବାମପନ୍ଥୀ ଦଳକୁ ଅଧିକ ସଂଖ୍ୟାରେ ନିର୍ବାଚିତ କରିବାକୁ ପଡ଼ିବ ।

❖❖❖



# ଆମ ମଜୁରୀ ବୃଦ୍ଧି

ସଚ୍ଚିଦାନନ୍ଦ ବେହେରା , ଉପସଭାପତି, CDIEA

ବୀମାଶିଳ୍ପରେ ମଜୁରୀ ସଂଶୋଧନ ଗତ ୧.୮.୨୦୦୭ରୁ ଆଦାୟ ହୋଇଥିଲା । ଉକ୍ତ ସଂଶୋଧନ ୨୦୧୦ ମସିହା ନଭେମ୍ବର ମାସରେ ହୋଇଥିଲା କର୍ମଚାରୀମାନେ AIIEAର ସଠିକ୍ ରଣନୀତି ଓ ରଣ କୌଶଳ ଯୋଗୁ ୪୦ ଶତକଡ଼ା ଆଦାୟ ହୋଇଥିଲା । ସେତେବେଳେ ମୂଳ ଦରମାରେ ୨୯୪୪ Point Consumer Price Index merger ହୋଇଥିଲା । ଏବଂ ଶତ ପ୍ରତିଶତ ମହଙ୍ଗା ଭତ୍ତା Neutralization ହୋଇଥିଲା ଅର୍ଥାତ୍ ୦.୧୮ ରୁ ୦.୧୫ ହିସାବରେ ଆମେ ପାଇଛୁ । ଏବଂ Assistant ମାନଙ୍କର ସର୍ବନିମ୍ନ ମୂଳ ଦରମା ୪୯୯୫ ଟଙ୍କାରୁ ୭୬୪୦ ଟଙ୍କା ଆଦାୟ ହୋଇଥିଲା ଅର୍ଥାତ୍ ୧.୮.୨୦୦୭ରେ ମହଙ୍ଗା ଭତ୍ତା ନ ଥିଲା କେନ୍ଦ୍ର ସରକାରଙ୍କର ନବ୍ୟ ଉଦାରବାଦୀ ଅର୍ଥନୀତି ଯୋଗୁଁ ଜିନିଷପତ୍ରର ଦରଦାମ ବୃଦ୍ଧି ଯୋଗୁଁ ଉକ୍ତ ମହଙ୍ଗା ଭତ୍ତା (Consumer Price Index) ବଢ଼ି ବଢ଼ି ଆଜି ନଭେମ୍ବର ୨୦୧୩ ମାସ ସୁଧା ୫୪୦୦ Pointରେ ପହଞ୍ଚିଛି । ବୀମାଶିଳ୍ପରେ ପ୍ରତି ୫ ବର୍ଷରେ ମଜୁରୀ ସଂଶୋଧନ ହୁଏ । ଅତଏବ୍ ଆମର ମଜୁରୀ ସଂଶୋଧନ ୧.୮.୨୦୧୨ ମସିହାରୁ ହେବା କଥା । ଆମ ପ୍ରିୟ ସଂଗଠନ AIIEA ତରଫରୁ ମଜୁରୀ ସଂଶୋଧନ ପାଇଁ Charter of Demand LIC Chairmanଙ୍କ ପାଖରେ ଗତ ୨୦୧୨ ଅଗଷ୍ଟ ୨ ତାରିଖରେ ଦାଖଲ କରାଯାଇଅଛି । ଏହା ମଧ୍ୟରେ ବର୍ଷେ ୫ ମାସ ବିତିଗଲାଣି । କିନ୍ତୁ LIC ମ୍ୟାନେଜମେଣ୍ଟ ଆମ ସଂଗଠନକୁ ଏ ପର୍ଯ୍ୟନ୍ତ ମଜୁରୀ ସଂଶୋଧନ ପାଇଁ ଡ଼ାକି ନାହାଁନ୍ତି । ଏଥିମଧ୍ୟରେ AIIEA Secretariat ED Personalଙ୍କୁ ଓ ECZIEA Secretariat ମଧ୍ୟ ED(P)ଙ୍କୁ ସାକ୍ଷାତ କରି Memorandum ଦେଇଛନ୍ତି । Management ପାଖରୁ କୌଣସି ଉତ୍ତର ଆସୁନାହିଁ । ନିର୍ଦ୍ଦିଷ୍ଟ ଭାବରେ Wage Revision ସଂକ୍ରାନ୍ତରେ କୌଣସି ଆନ୍ଦୋଳନାତ୍ମକ ଖସଡ଼ା ପ୍ରସ୍ତୁତ ହୋଇ ନାହିଁ । ଏଥିମଧ୍ୟରେ ECZIEAର Conference ଗତ ସେପ୍ଟେମ୍ବର ମାସ ୨୯ ତାରିଖରୁ ଅକ୍ଟୋବର ୧ ତାରିଖ ମଧ୍ୟରେ ଭାଗଲପୁର ଠାରେ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ଜାନୁଆରୀ ମାସ ୨୦ ରୁ ୨୪ , ୨୦୧୪ ପର୍ଯ୍ୟନ୍ତ AIIEA Conference , Nagpur ଠାରେ ଅନୁଷ୍ଠିତ ହେବାକୁ ଯାଉଛି । ଆଶା କରାଯାଉଛି AIIEA ସମ୍ମିଳନୀରେ ଉକ୍ତ ମଜୁରୀ ସଂଶୋଧନ ବିଧିବଦ୍ଧ ଭାବରେ ଆଲୋଚନା ହୋଇ ରଣନୀତି ତିଆରି କରାଯିବ । ଏବଂ ୪୦ ଶତକଡ଼ା ଆଦାୟ କରିବା ପାଇଁ କ୍ଷେତ୍ର ପ୍ରସ୍ତୁତ କରାଯିବ ।

ଗତ ମଜୁରୀ ସଂଶୋଧନ ଶିଳ୍ପର ସମୃଦ୍ଧି ଓ ଦେବାର କ୍ଷମତା ଅନୁସାରେ ଆଦାୟ ହୋଇଥିଲା । ଏଥରର ମଜୁରୀ ସଂଶୋଧନ ମଧ୍ୟ ଶିଳ୍ପର ସମୃଦ୍ଧି ଓ କ୍ଷମତା ଅନୁସାରେ ଆଦାୟ କରିବା ପାଇଁ ଚେଷ୍ଟା କରାଯିବ । ଆପଣମାନଙ୍କୁ ସ୍ମରଣ କରାଇ ଦିଆଯାଉଛି ଯେ Draft Charter ଦାଖଲ ସମୟରେ ଶିଳ୍ପର ସମୃଦ୍ଧି ନିମ୍ନ ମତେ ଥିଲା । (୧) LICର Market Share 71.35% ଥିଲା ପ୍ରିମିୟମ Income (୨) ନୂତନ ବ୍ୟବସାୟ ପ୍ରିମିୟମ ୮୧,୮୧୪ କୋଟି 2011-12 ଥିଲା । (୩) LIC 3.54 Crore ନୂତନ ବ୍ୟବସାୟ (ପଲିସି) କରି 81% ମାର୍କେଟ Share Dominate କରିଥିଲା ।

ଏହାଛଡ଼ା AIIEA ଏଥର ଏକ ନୂତନ Demand କରିଛି । ଯାହା Charter ଆଦାୟ ପାଇଁ ଆମକୁ ଅଧିକ ସହାୟକ ହେବ । AIIEAର Recognition ଉପରେ ଅଧିକ ନଜର ରଖାଯାଇଛି । LICର Boardରେ AIIEA ପାଇଁ ଏକ ସ୍ଥାନ ରଖିବା ପାଇଁ ମଧ୍ୟ Demand ରଖାଯାଇଛି । LIC Management କୁ କୁହାଯାଇଛି ଯେ Workers participation in the management ସେଥିପାଇଁ LICକୁ Policy Frame କରିବା ପାଇଁ କୁହାଯାଇଛି । ଏଣୁ ଆମକୁ ଆହୁରି ଯତ୍ନବାନ ହେବା ଦରକାର । ପ୍ରତି ବେସରେ Membership Register କୁ ନିୟମିତ କରିବା, ସଭ୍ୟ ଚାନ୍ଦା ନିୟମିତ ଆଦାୟ କରି CDIEAକୁ ପଠାଇବା, ସଂଗଠନର ପ୍ରତ୍ୟେକ ଡାକରାକୁ ବିଦ୍ଧିବଦ୍ଧ ଭାବରେ ପାଳନ କରିବା ଇତ୍ୟାଦି । ଯାହା କଲେ ବି ଏଥରର ମଜୁରୀ ସଂଶୋଧନ ଏତେ ସହଜରେ ହେବ ବୋଲି ଆଶା କରିବା ଠିକ୍ ହେବ ନାହିଁ । ଏହାର କାରଣ ହେଉଛି – Insurance Laws Amendment Bill ଲୋକସଭାର ଏ ପର୍ଯ୍ୟନ୍ତ ବଳବତ୍ତର ହୋଇ ରହିଛି । **ଶୀତକାଳୀନ ଅଧିବେଶନରେ ଉକ୍ତ ବିଲ୍ ପାସ୍ ହୋଇପାରିଲା ନାହିଁ ବୋଲି ଆମେ ଖୁସି ହେବାର ନାହିଁ । ଉକ୍ତ Bill Pass ନ ହେବା ଫଳରେ ଆମକୁ କିଛି ସମୟ ରିହାତି ମିଳିଛି କିନ୍ତୁ ଉକ୍ତ ବିପଦ ସଂପୂର୍ଣ୍ଣ ଭାବରେ ଅପସରି ଯାଇନି ।**

ବ୍ୟାଙ୍କ ଶିଳ୍ପରେ ୫ ଥର ଆଲୋଚନା ହୋଇଛି । କିନ୍ତୁ ଏ ପର୍ଯ୍ୟନ୍ତ ନିର୍ଦ୍ଦିଷ୍ଟ ଭାବରେ ମଜୁରୀ ସଂଶୋଧନ ଉପରେ କୌଣସ ନିର୍ଦ୍ଦିଷ୍ଟ ବୁଝାମଣା ହୋଇନାହିଁ । କେବଳ DA Merger Point 4440ରେ 1.11.2011ରୁ ଗ୍ରହଣ କରିବା ପାଇଁ IBA ରାଜି ହୋଇଛି । ଏବଂ ଉକ୍ତ ମଜୁରୀ ସଂଶୋଧନ ଗତ ୧୪.୧୨.୨୦୧୩ ଲାଗୁ ହେବ ବୋଲି ଆପାତତଃ ସ୍ଥିର ହୋଇଛି ।




## ବାତ୍ୟା ପରେ ବନ୍ୟା ଆମର କି ଦୁର୍ଦ୍ଦଶା ଭାଇ

ନିରଞ୍ଜନ ନାହାକ,
ସହସମ୍ପାଦକ, BDIEA, ବ୍ରହ୍ମପୁର

ବାତ୍ୟା ପରେ ବନ୍ୟା ମାଡ଼ି ଚାଲିଛି ଭାଇ , ଏକା ଓଡ଼ିଶାର ସହଚର ।୧।
ପ୍ରକୃତିର ଏ କୋପ ଭାବି ହେଉନାହିଁ, ମନରେ ପଶିଲା ଭାରି ଡ଼ର ।୨।
ରହିଅଛୁ ଆମେ ପଛୁଆ ରାଇଜେ, ନ ଶୁଣନ୍ତି ଛାମୁ ଡ଼ାକ ଆମର ।୩।
କିପରି ବଞ୍ଚିବି ଘର ସଜାଡ଼ିବି, ଦେହ ମୋର ହୁଏ ଥରଥର ।୪।
କେଉଁଠି ରହିବି କଅଣ ଯେ' ହେବି, ଆଖିରୁ ଝରଇ ଧାରଧାର ।୫।
ରହିଅଛୁ ଏଠି ଖରା ,ବର୍ଷା , ଶୀତରେ, ଆମ ପେଟ ଦାନା , କନା ପାଇଁ ।୬।
ନେତା , ଜନତା ଏ ଖଣ୍ଡ ଯୁଦ୍ଧ କରିଲେ, ଆମ ରିଲିଫ୍ ମାଗଣା ପାଇଁ ।୭।
କେବେ ଶୁଣି ନ ଥିଲି ଆମ ରାଇଜରେ, ଫାଇଲିନ୍ , ହେଲେନ୍ , ଲେହର୍।୮।
ହେଲା ରାଜ୍ୟ ଏବେ ଏକ ନୂଆ ଯୁଗର, ଭାଙ୍ଗି ଯାଇଛି ମୋ କୁଡ଼ିଆ ଘର ।୯।
ଶୁଣନ୍ତି ନାହିଁ ନେତାଏଁ ଦୁଃଖ ଆମର, ଶୁଣିଥାନ୍ତି ତାଙ୍କ ଚାମଚାଙ୍କର ।୧୦।
ହରି ଲୁଟ୍ ହୁଏ ଯେ ଆମ ରାଜ୍ୟରେ, ଦଣ୍ଡ ବିଧାନ ନଥାଏ ତାଙ୍କର ।୧୧।
ଜନତା ଏକତା'ର ହିଁ ବଳ ଅପାର, ଲଢ଼ି କରି ଗଢ଼ିବୁ ଘର ସଂସାର ।୧୨।
ଇନ୍ କିଲାବ୍ ଜିନ୍ଦାବାଦ ଡ଼ାକ ଆମର, ଗରିବ ଓଡ଼ିଶା ହେବ ସୁନା ସଂସାର ।୧୩।

❖❖❖





# ଆର୍ଥିକ କ୍ଷେତ୍ର ସଂସ୍କାର ବିରୁଦ୍ଧରେ ସଂଗ୍ରାମ ଅପରିହାର୍ଯ୍ୟ

**ରାଜୀବ ଲୋଚନ ଦାଶ, ସଭାପତି, SDLIEA , ସମ୍ବଲପୁର**

୨୦୧୦ ମସିହାରେ ପ୍ରକାଶିତ ପ୍ରଫେସର ଜୋସେଫ୍ ଷ୍ଟିଗିଲିଜଙ୍କ ପୁସ୍ତକ 'ଫ୍ରି ଫଲ୍' ୨୦୦୮ ମସିହାର ବିଶ୍ୱ ଆର୍ଥିକ ସଙ୍କଟର ବିଶ୍ୱବ୍ୟାପୀ ପ୍ରଭାବ ଉପରେ ଆଲୋକପାତ କରିଛି । ଷ୍ଟିଗିଲିଜଙ୍କ ପୁସ୍ତକର ସାରମର୍ମ ହେଉଛି : ମୁକ୍ତ ବଜାର ଅର୍ଥନୀତି ହେଉଛି ଆର୍ଥିକ ସଙ୍କଟର ମୁଖ୍ୟ କାରଣ । ଏଣୁ ନିବେଶ ବ୍ୟାଙ୍କ (Investment Bank) ପରି ଆର୍ଥିକ ପ୍ରତିଷ୍ଠାନ ଉପରେ ଦୃଢ଼ ନିୟନ୍ତ୍ରଣ ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି । ମାତ୍ର ଭାରତବର୍ଷର ଉପା – ୨ ସରକାର ଏ ସଙ୍କଟରୁ କିଛିଟି ଶିକ୍ଷା ଲାଭ କରିନାହାଁନ୍ତି ବା ଜାଣିଶୁଣି ନ ଜାଣିବାର ଅଭିନୟ କରୁଛନ୍ତି । ଏଣୁ ତାଙ୍କର ସମସ୍ତ ନୀତି ଆର୍ଥିକ କ୍ଷେତ୍ରର ଅଧିକ ଉଦାରୀକରଣ ଦିଗରେ ଅଭିପ୍ରେତ । ସଂସ୍କାର ପାଇଁ ବଛାବଛା ଆର୍ଥିକ କ୍ଷେତ୍ର ମଧ୍ୟରେ ସରକାର ପ୍ରାଧାନ୍ୟ ଦେଇ ଆସିଛନ୍ତି, ବ୍ୟାଙ୍କ, ବୀମା ଏବଂ ପେନସନ୍ କ୍ଷେତ୍ରରେ ସଂସ୍କାର ସହିତ ପୁଞ୍ଜି ହିସାବରେ (Capital Account)ର ପୂର୍ଣ୍ଣ ରୂପାନ୍ତରୀକରଣ (Full Convertibility) ।

ଅଭିବୃଦ୍ଧି ପାଇଁ ଅତ୍ୟାବଶ୍ୟକୀୟ ବୋଲି ଡିଣ୍ଡିମ ପିଟାଯାଉଥିବା ଏ ନୀତି ସମୂହ ବାସ୍ତବରେ ଅନାବଶ୍ୟକ ଏବଂ ଅର୍ଥନୈତିକ ସାର୍ବଭୌମତ୍ୱ ପ୍ରତି ଏକ ବିପଦ । ବୈଦେଶିକ ପୁଞ୍ଜି ଏବଂ ମୁନାଫା ପାଇଁ ଆନ୍ତର୍ଜାତୀୟ ଚାପ ହିଁ ତାର ଏକମାତ୍ର ସତ୍ୟତା । ବର୍ତ୍ତମାନର ଅର୍ଥମନ୍ତ୍ରୀ ଏ ସମସ୍ତ କ୍ଷେତ୍ରର ସଂସ୍କାର ପାଇଁ ଯେତିକି ବ୍ୟଗ୍ର ତତୋଧିକ ଆଶାବାଦୀ । କାରଣ ସଂସଦରେ ପ୍ରମୁଖ ବିରୋଧିଦଳ ଭାରତୀୟ ଜନତା ପାର୍ଟି ର ମଧ୍ୟ ଏ ନୀତି ଏବଂ ସଂସ୍କାର ପ୍ରତି ଆନ୍ତରିକ ଏବଂ ପ୍ରକାଶ୍ୟ ସମର୍ଥନ ରହିଛି । ପରିଣାମସ୍ୱରୂପ ବ୍ୟାଙ୍କିଙ୍ଗ୍ ବିଲ୍ ଏବଂ ପେନସନ୍ ବିଲ୍ ସଂସଦରେ ଗୃହୀତ ହୋଇସାରିଛି । AIIEAର ଅବିରତ ସଂଗ୍ରାମ ଯୋଗୁ କେବଳ ବୀମା କ୍ଷେତ୍ରରେ ଇଚ୍ଛାନୁଯାୟୀ ସଂସ୍କାର ତାଙ୍କ ପାଇଁ ଦୁଃସ୍ୱପ୍ନ ହୋଇଛି । ସରକାରଙ୍କ ମୁଖ୍ୟ ଯୁକ୍ତି ହେଉଛି ଆର୍ଥିକ ଅଭିବୃଦ୍ଧି ପାଇଁ ପୁଞ୍ଜିର ଆବଶ୍ୟକତା ଯାହା କେବଳ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜି (FDI) ମାଧ୍ୟମରେ ସମ୍ଭବ । ଏଣୁ ତାଙ୍କର ନାରା ହେଉଛି ଅଧିକ ଏଫ୍.ଡ଼ି.ଆଇ. ପାଇଁ ଅଧିକ ସଂସ୍କାର । ସଂସଦରେ ବାମପନ୍ଥୀ ରାଜନୈତିକ ଶକ୍ତି ତଥା AIIEA ପରି  କେତୋଟି ଦୃଢ଼ ସଂଗଠନର ବିରୋଧ ବ୍ୟତିରେକ ସରକାରଙ୍କ ପାଖରେ ଅନ୍ୟ ସବୁ ରାସ୍ତା ସୁରକ୍ଷିତ । ଏପରିକି ବର୍ତ୍ତମାନ ଭାରତୀୟ ରିଜର୍ଭବ୍ୟାଙ୍କର ଗଭର୍ଣ୍ଣରଙ୍କ ମଧ୍ୟ ଏ ନୀତି ପ୍ରତି ଦୃଢ଼ ସମର୍ଥନ ରହିଛି । ଆଗରୁ ବ୍ୟାଙ୍କର ଏ ସର୍ବୋଚ୍ଚ ସଂସ୍ଥା ଏବଂ ଅର୍ଥମନ୍ତ୍ରୀଙ୍କ ମଧ୍ୟରେ ଅନେକ ବିରୋଧାଭାସ ପରିଲକ୍ଷିତ ହେଉଥିଲା ।  ମାତ୍ର ରଘୁରାମ ରାଜନ ରିଜର୍ଭ ବ୍ୟାଙ୍କର ଗଭର୍ଣ୍ଣର ହେବା ପରେ ଘରୋଇ ବ୍ୟାଙ୍କ ଏବଂ ବିଶେଷ କରି ବିଦେଶୀ ବ୍ୟାଙ୍କ ଏବଂ ପୁଞ୍ଜିପତିଙ୍କୁ ଅହେତୁକ ଅନୁକଂପା ପ୍ରଦାନ କରାଯାଉଛି । ଏପରିକି ଘରୋଇବ୍ୟାଙ୍କ କୁ ଜାତୀୟ ବ୍ୟାଙ୍କର ମାନ୍ୟତା ଦେବା ଦିଗରେ ସେ ଅଗ୍ରାଧିକାର ଦେଉଛନ୍ତି । ବର୍ତ୍ତମାନ ସୁଦ୍ଧା ୨୬ଟି ଘରୋଇ ବ୍ୟାଙ୍କକୁ ଲାଇସେନ୍ସ ପ୍ରଦାନ କରାଯାଇ ସାରିଛି ଏବଂ ସେମାନେ ଜାନୁଆରୀ ୨୦୧୪ ରୁ ତାଙ୍କର ବ୍ୟବସାୟ ଆରମ୍ଭ କରିବେ । Reliance Group , Bajaj , Shriram , Religare , Aditya Birla , L & T , Tata & Sons ତନ୍ମଧ୍ୟରୁ ଅନ୍ୟତମ । ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଏମାନଙ୍କ ମଧ୍ୟରୁ ଅଧିକାଂଶ ବୀମା ବ୍ୟବସାୟ କରୁଛନ୍ତି । ଏଣୁ ସଞ୍ଚୟର ମୁଖ୍ୟ ଉତ୍ସ ରୂପେ ବିବେଚିତ ଉଭୟ 'ବ୍ୟାଙ୍କ ଏବଂ ବୀମା' ଉପରେ କବ୍ଜା କରିବା ଏମାନଙ୍କ ମୁଖ୍ୟ ଉଦ୍ଦେଶ୍ୟ । **ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଏବଂ ବୀମା କମ୍ପାନୀମାନଙ୍କ ମୂଳ ଲକ୍ଷ୍ୟ ହେଉଛି ଲୋକଙ୍କ ସଂଚୟ ଦେଶର ପ୍ରଗତି ପାଇଁ ବିନିଯୋଗ କରିବା । ମାତ୍ର ଏହି ଆର୍ଥିକ ସଂସ୍କାର କାର୍ଯ୍ୟକ୍ରମ ଦ୍ୱାରା ଏହି ସଞ୍ଚୟ ଘରୋଇ ଏବଂ ବିଦେଶୀ କମ୍ପାନୀର ଅକ୍ତିଆରକୁ ଯିବ ଏବଂ ତାହା କେବଳ ତାଙ୍କର ମୁନାଫା ବୃଦ୍ଧି କରିବ ।**

ନୂଆ କମ୍ପାନୀ, ଘରୋଇ କିମ୍ବା ବିଦେଶୀ ବ୍ୟାଙ୍କ ଖୋଲିବା ପାଇଁ ସରକାରଙ୍କ ଯୁକ୍ତି ହେଉଛି :-

ଆମ ଦେଶର ବୟସ୍କ ଲୋକଙ୍କ ସଂଖ୍ୟାର ମାତ୍ର ୪୦% ଲୋକ ଏବଂ ୨୫% ମହିଳାମାନଙ୍କ ଠାରେ ବ୍ୟାଙ୍କ ଖାତା ରହିଛି । ଭାରତବର୍ଷରେ ୬,୫୦,୦୦୦ ଗ୍ରାମ ରହିଛି ମାତ୍ର ତନ୍ମଧ୍ୟରୁ କେବଳ ୩୬୦୦୦ ଗାଁରେ ବାଣିଜ୍ୟିକ ବ୍ୟାଙ୍କ (Commercial Bank) ରହିଛି । ନୂତନ ବ୍ୟାଙ୍କ ଦ୍ୱାରା ଏଥିରେ ଉନ୍ନତି ଘଟିବ । ଏ ଯୁକ୍ତି ଉଭୟ ହାସ୍ୟାସ୍ପଦ ଏବଂ ବର୍ଜନୀୟ । କାରଣ ଘରୋଇ ଏବଂ ବିଦେଶୀ କମ୍ପାନୀ ଗ୍ରାମାଞ୍ଚଳରେ ବ୍ୟବସାୟ କରିବା ପାଇଁ କେବେ ବି ଇଚ୍ଛୁକ ନୁହଁନ୍ତି । ଗ୍ରାମାଞ୍ଚଳରେ ଏ ବ୍ୟବସାୟ କେବଳ ରାଷ୍ଟ୍ରାୟତ୍ତ  କମ୍ପାନୀ ହିଁ କରିଥାଏ । ୧୯୯୧ ମସିହାର ଘରୋଇକରଣ ନୀତି ପରେ ଦେଶୀ ବିଦେଶୀ ଘରୋଇ ବ୍ୟାଙ୍କ ମାନଙ୍କ ସଂଖ୍ୟା ଦେଶବ୍ୟାପୀ ବୃଦ୍ଧି ପାଇଲା । ମାତ୍ର ଗ୍ରାମାଞ୍ଚଳରେ ବ୍ୟାଙ୍କ ଶାଖାମାନଙ୍କ ହାର କମିକମି ଆସିଲା । ଯାହା ଫଳରେ ଦୀର୍ଘ ୨୦ ବର୍ଷ ପରେ ଗାଁ ଗଣ୍ଡାର ୮୦% ଲୋକ ଋଣ ପାଇଁ ଲୋକେ ସାହୁକାର ଶ୍ରେଣୀର ଲୋକଙ୍କ ଉପରେ ନିର୍ଭରଶୀଳ । ପୁଞ୍ଜି ଆକାଉଣ୍ଟର ପୂର୍ଣ୍ଣ ରୂପାନ୍ତରୀକରଣ ଉପରେ ମଧ୍ୟ ସରକାର ଅନୁରୂପ ଯୁକ୍ତି ଦର୍ଶାଉଛନ୍ତି । ତାଙ୍କ ମତରେ ଏଫ୍.ଡ଼ି.ଆଇ.ର ପ୍ରବାହକୁ ବୃଦ୍ଧି କରିବା ପାଇଁ ଟଙ୍କାକୁ ପୂର୍ଣ୍ଣ ମାତ୍ରାରେ ପରିବର୍ତ୍ତନୀୟ କରିବାକୁ ପଡ଼ିବ ।

As per the Definition of Reserve Bank of India :- Full Capital Account Convertibility is the freedom to convert the local financial Assets into foreign financial assets and vice versa at the market determined exchange rate without any sorts of regulation. ଏହାର ଅର୍ଥ ହେଉଛି କୌଣସି ଦେଶୀ ବ୍ୟବସାୟୀ କିମ୍ବା ପୁଞ୍ଜିପତି ଅନ୍ୟଦେଶରେ ନିଜର ପୁଞ୍ଜି ପୂର୍ଣ୍ଣମାତ୍ରାରେ ବିନିଯୋଗ କରିପାରିବ ଏବଂ ପ୍ରତିବଦଳରେ ମୁନାଫା ନେଇପାରିବ । ଉଦାହରଣସ୍ୱରୂପ ଆମେରିକାର ଯେ କୌଣସି ପୁଞ୍ଜିପତି ଭାରତରେ ଗୋଟିଏ ଘର କିଣି ତାର ମୂଲ୍ୟ ବୃଦ୍ଧି ହେବା ପରେ ନିଜର ଇଚ୍ଛା ମୁତାବକ ବଜାର ଦରରେ ନିଜର ପୁରା ଟଙ୍କା ଡଲାର ଆକାରରେ ନିଜ ଦେଶକୁ ନେଇପାରିବ । ବର୍ତ୍ତମାନ ପୁଞ୍ଜିବିନିଯୋଗ ଏବଂ ପ୍ରତ୍ୟାହାର ବଜାର ସ୍ଥିରୀକୃତ ଦର ରେ କରାଯାଇପାରୁନାହିଁ । ପୂର୍ଣ୍ଣମାତ୍ରାରେ ଟଙ୍କା ପରିବର୍ତ୍ତନକ୍ଷମ ହେଲେ ହିଁ ଏହା ସମ୍ଭବ । ତାହା ହେଲେ ବିଦେଶୀ ପୁଞ୍ଜିର ପ୍ରଭାବ ବୃଦ୍ଧି ହେବାର ସମ୍ଭାବନା ସର୍ବାଧିକ । ଅର୍ଥନୀତିରେ ଅସ୍ଥିରତା ଦେଖାଯିବ । ବିଦେଶୀପୁଞ୍ଜିର ଅନ୍ତସ୍ରୋତ ଏବଂ ବହିଃସ୍ରୋତ ଉପରେ କୌଣସି କଟକଣା ରହିବ ନାହିଁ । ଏସୀୟ ସଙ୍କଟ ସମୟରେ ଥାଇଲାଣ୍ଡରେ ମୁଦ୍ରାର ସ୍ଥିତି ଏପରି ଗମ୍ଭୀର ହୋଇଥିଲା ।

ମୁଦ୍ରାକୁ ସମ୍ପୂର୍ଣ୍ଣ ପରିବର୍ତ୍ତନକ୍ଷମ କରିବା ପାଇଁ ୧୯୯୭ ମସିହାରେ ତାରାପୋର (Tarapore) କମିଟି ଗଠନ କରିଥିଲେ । କମିଟିର ସୁପାରିଶ ଥିଲା ପୂର୍ଣ୍ଣ ପରିବର୍ତ୍ତନୀୟତା ପାଇଁ ଦେଶର ଆର୍ଥିକ ସ୍ଥିତି ସ୍ଥିର ରହିବା ନିହାତି ଦରକାର । ବିଶେଷ କରି ମୁଦ୍ରାସ୍ଫୀତି ୭ ରୁ ୫ ପ୍ରତିଶତ ମଧ୍ୟରେ ରହିବା ଦରକାର , ବିତ୍ତୀୟ ନିଅଣ୍ଟ ୭.୫ ପ୍ରତିଶତ ମଧ୍ୟରେ ସୀମିତ ରହିବା ଦରକାର । ଭାରତ ପରି ଦେଶରେ ଏହା ସମ୍ପୂର୍ଣ୍ଣ ଅସମ୍ଭବ । ଏ ସବୁ ସତ୍ତ୍ୱେ ସରକାର ପୁଞ୍ଜି ଆକାଉଣ୍ଟରେ ପୂର୍ଣ୍ଣ ରୂପାନ୍ତରୀକରଣ ପାଇଁ ବଦ୍ଧପରିକର ।  ଆର୍ଥିକ କ୍ଷେତ୍ରରେ ସଂସ୍କାର ଉପରେ ଭାରତର ବିଶିଷ୍ଟ ଅର୍ଥଶାସ୍ତ୍ରୀ ଡ଼. ପ୍ରଭାତ ପଟ୍ଟନାୟକ ମତ ଦେଇ କହନ୍ତି, "If the financial sector of India will be liberalised fully , the financial capital will be stronger than the state"ଏଣୁ ଆର୍ଥିକ  ସାର୍ବଭୌମତ୍ୱକୁ ଅକ୍ଷୁର୍ଣ୍ଣ ରଖିବାକୁ ହେଲେ ଭାରତ ପରି ଦେଶରେ ଆର୍ଥିକ କ୍ଷେତ୍ରରେ ସଂସ୍କାର ବିରୁଦ୍ଧରେ ତୀବ୍ର ଆନ୍ଦୋଳନ କରିବାକୁ ହେବ । ❖❖❖



# ଗୋଏବେଲଙ୍କ ପରେ ମୋଦି

**ଅଭୟ କୁମାର ଦାସ, ଯୁଗ୍ମ ସମ୍ପାଦକ, CDIEA**

ଆଜି ପ୍ରତ୍ୟେକ ଗଣମାଧ୍ୟମର ମୁଖ୍ୟ ଖବର ହେଉଛି ୨୦୧୪ର ସାଧାରଣ ନିର୍ବାଚନ । ଅହରହ ଆମର ଗଣମାଧ୍ୟମ ସବୁ ପ୍ରଚାର କରୁଛନ୍ତି ପ୍ରଧାନମନ୍ତ୍ରୀ ରାହୁଲ ଗାନ୍ଧୀ ହେବେ ନା ନରେନ୍ଦ୍ର ମୋଦୀ । ସତେ ଯେମିତି ଭାରତବର୍ଷରେ ଆଉ ଯୋଗ୍ୟ ପାର୍ଥୀ କେହି ନାହାଁନ୍ତି ଓ ଆମ ପ୍ରଧାନମନ୍ତ୍ରୀ ଆମେରିକାର ରାଷ୍ଟ୍ରପତି ଭଳି ସିଧାସଳଖ ନିର୍ବାଚିତ ହୁଅନ୍ତି । ଏ ପ୍ରଚାରରେ ଆଗରେ ଅଛନ୍ତି ଗୁଜୁରାଟର ମୁଖ୍ୟମନ୍ତ୍ରୀ ନରେନ୍ଦ୍ର ମୋଦୀ । ଏହାର କାରଣ କ'ଣ ? ଆମେ ଜାଣୁ ଯେ , ସବୁ ଗଣମାଧ୍ୟମର ମାଲିକ ହେଉଛନ୍ତି ପୁଞ୍ଜିପତିମାନେ ବା ଗଣମାଧ୍ୟମ ସବୁ ପୁଞ୍ଜିପତିଙ୍କ ନିୟନ୍ତ୍ରଣରେ । ପୁଞ୍ଜିପତିମାନେ ଚାହାଁନ୍ତି ଗଣମାଧ୍ୟମ ଜରିଆରେ ସାଧାରଣ ଜନତାଙ୍କ ସ୍ୱାର୍ଥକୁ ବଳି ଦେଇ ନିଜ ସ୍ୱାର୍ଥକୁ ଆଗେଇ ନେଇ ହେବ । ଆଉ କିଛି ଗଣମାଧ୍ୟମର ମାଲିକ ସିଧାସଳଖ ପୁଞ୍ଜିପତି ନ ହେଲେ ମଧ୍ୟ ସେମାନେ ପୁଞ୍ଜିପତିଙ୍କ ନିୟନ୍ତ୍ରଣରେ । କାରଣ ପୁଞ୍ଜିପତିଙ୍କ ଦ୍ରବ୍ୟର ବିଜ୍ଞାପନ ନ ପାଇଲେ ଏମାନଙ୍କ ମୁନାଫାର ପାହାଡ଼ ଏତେ ବଡ଼ ହୋଇପାରିବ ନାହିଁ । ତେଣୁ ନରେନ୍ଦ୍ର ମୋଦି ଗୁଜୁରାଟରେ ଟାଟା – ବିର୍ଲା–ଅମ୍ବାନୀ–ଆଦାନୀକୁ ଏଭଳି ହୀରାଖଣିର ତୋଫା ସବୁ ଦେଇଛନ୍ତି ଯେ ପୁଞ୍ଜିପତିମାନେ ଭାବୁଛନ୍ତି ମୋଦି ପ୍ରଧାନମନ୍ତ୍ରୀ ହୋଇଗଲେ ସାରା ଭାରତବର୍ଷକୁ ଲୁଟ୍ କରିବାର ଲାଇସେନ୍ସ ସେମାନଙ୍କୁ ମିଳିଯିବ । ମୋଦି ବନିଯାଇଛନ୍ତି କର୍ପୋରେଟ୍ ଡାରଲିଙ୍ଗ । ସେଥିପାଇଁ ଏକାଧିକ ବାର ମୁଖ୍ୟମନ୍ତ୍ରୀ ହୋଇଥିବା ବିଜେପିର ପ୍ରାର୍ଥୀ ରମଣ ସିଂ ବା ଶିବରାଜ୍ ସିଂ ଚୌହାନଙ୍କ ବଦଳରେ ମୋଦିଙ୍କୁ ପ୍ରଧାନମନ୍ତ୍ରୀ ଭାବେ ଚୟନ କରାଯାଇଛି । ଅବଶ୍ୟ ଏଥିରେ ରଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ମଧ୍ୟ ଭୂମିକା ରହିଛି ।

ମୋଦିଙ୍କ କଥା ଚିନ୍ତା କଲେ ଯୋସେଫ୍ ଗୋଏବେଲ୍ କାହାଣୀ ମନକୁ ଆସେ । ଯିଏ କି ୧୯୩୩ରେ ଜର୍ମାନୀର ଏକଛତ୍ରବାଦୀ ଶାସକ ଆଡ଼ଲଫ୍ ହିଟଲରଙ୍କ ପ୍ରଚାର ମନ୍ତ୍ରୀ ଥିଲେ ଓ ପରବର୍ତ୍ତୀ ଅବସ୍ଥାରେ ହିଟଲରଙ୍କ କ୍ୟାବିନେଟ୍‌ରେ ସ୍ଥାନ ପାଇଥିଲେ । ଜର୍ମାନୀର ରେଡ଼ିଓ , ପ୍ରେସ୍ , ସିନେମା , ଥିଏଟର୍ ସବୁ ନିୟନ୍ତ୍ରଣ ଦାୟିତ୍ୱ ଥିଲା ଗୋଏବେଲ୍‌ଙ୍କର । ହିଟଲର୍ ସଂଖ୍ୟା ଲଘୁ ଜିଉମାନଙ୍କୁ ନରସଂହାର କରିବାରେ ପୂର୍ଣ୍ଣ ମଦତ୍ ଯୋଗାଇଥିଲେ ଗୋଏବେଲ୍ । ଗୋଏବେଲ କହୁଥିଲେ ବାରମ୍ବାର ଏକ ମିଥ୍ୟାକୁ ପ୍ରଚାର କଲେ ଲୋକେ ଦିନେ ନା ଦିନେ ସତ ମଣିବେ (Untruth repeated a thousand times is accepted as truth) । ଗୋଏବେଲ୍ ପୁଣି ମଧ୍ୟ କହୁଥିଲେ "If you can not convince someone then try to confuse him" ମୋଦି ଯେହେତୁ ହିଟଲରଙ୍କ ପୂର୍ଣ୍ଣ ସମର୍ଥକ , ତେଣୁ ଗୋଏବେଲଙ୍କ କଥାକୁ ଇଶ୍ୱରବାଣୀ ଭାବେ ପାଳନ କରୁଛନ୍ତି । ତେବେ ଆସନ୍ତୁ ଦେଖିବା ମୋଦି କିଭଳି ଭ୍ରମ ସୃଷ୍ଟି କରି ଭୋଟ ନେବାର ଭେଳିକି ସୃଷ୍ଟି କରୁଛନ୍ତି । ମୋଦି ୨୬.୧୦.୨୦୧୩ରେ ଦୈନିକ ଭାସ୍କରର ସାକ୍ଷାତକାରରେ କହିଥଲେ ଯେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଓ ନେହେରୁଙ୍କ ସମ୍ପର୍କ ତିକ୍ତ ଥିଲା । ତେଣୁ ନେହେରୁ ପଟେଲଙ୍କ ମର ଶରୀର ଶୋଭାଯାତ୍ରାରେ ଅଂଶ ଗ୍ରହଣ କରିନଥିଲେ । ପ୍ରଥମେ ଆମେ ବୁଝିବା ଦରକାର ନେହେରୁ ଓ ପଟେଲଙ୍କ ମଧ୍ୟରେ ଆତ୍ମୀୟତା ବହୁ ନିବିଡ଼ତା ଥିଲା। ତାଙ୍କ ସମ୍ପର୍କ ମୋଦି – ଆଡ଼ଭାନୀଙ୍କ ଲଢ଼େଇ ଭଳି ନୁହେଁ । ସେ ଯେଉଁ ମତ ପାର୍ଥକ୍ୟ ଥିଲା ତାହା ଜାତୀୟ ସ୍ୱାର୍ଥ ପାଇଁ । ମୋରାଜୀ ଦେଶାଇଙ୍କ ଆତ୍ମଜୀବନୀର Volume - I ର ୨୭୧ ପୃଷ୍ଠା ଦେଖିଲେ ଜାଣି ହେବ ତତ୍କାଳୀନ ରାଷ୍ଟ୍ରପତି **ରାଜେନ୍ଦ୍ର ପ୍ରସାଦ ଓ ନେହେରୁ ମିଳିତ ଭାବେ ବମ୍ବେରେ ପଟେଲଙ୍କ ମରଶରୀର ଶୋଭାଯାତ୍ରାରେ ଯାଇ ଅନ୍ତିମ ପର୍ଯ୍ୟାୟ ପର୍ଯ୍ୟନ୍ତ ରହିଥିଲେ** । ଆଜି ଅନେକ ବର୍ଷ ପରେ ମୋଦି ଏ ଆଲୋଚନା କଲେ ଭାରତବର୍ଷର ବେକାରୀ , ମୁଦ୍ରାସ୍ଫୀତି ସମସ୍ୟା କ'ଣ ଦୂର ହୋଇଯିବ । ଏହାର ଉଦ୍ଦେଶ୍ୟ ହେଉଛି ଦ୍ୱନ୍ଦ ସୃଷ୍ଟି କରି ଭୋଟ ଆପଣାଇ ହେବ । ବରଂ ପଟେଲ କହିଥିଲେ "It was due to the hate spread by RSS(ମୋଦିଙ୍କ ଜନ୍ମଦାତା ସଂଘ)we had to lose the father of our nation" । ଏପରିକି ପଟେଲ ଆର୍.ଏସ୍.ଏସ୍ ଉପରେ କିଛି ଦିନ ପାଇଁ ବାସନ୍ଦ ଲାଗୁ କରିଥିଲେ । ଆର୍.ଏସ୍.ଏସ୍. ବାସନ୍ଦ ଉଠାଇବାକୁ ବାରମ୍ବାର ଅନୁରୋଧ କରିବା ପରେ ପଟେଲ ଏକ ସର୍ତ୍ତ ଭିତ୍ତିରେ ବାସନ୍ଦ ଉଠାଇଥିଲେ । ତଦନୁସାରେ ସଂଘର ସମ୍ବିଧାନ ମଧ୍ୟ ବଦଳା ଯାଇଥିଲା । **ସେ ସର୍ତ୍ତ ଥିଲା ଆର୍.ଏସ୍.ଏସ୍. କେବଳ ଏକ ସାଂସ୍କୃତିକ ଅନୁଷ୍ଠାନ ହୋଇ ରହିବ , ରାଜନୀତିରେ ଅଂଶଗ୍ରହଣ କରିପାରିବ ନାହିଁ ।**

ମୋଦିଙ୍କ ଅନ୍ୟତମ ମିଥ୍ୟା ହେଉଛି ତାଙ୍କ ସମୟରେ (୨୦୦୧ରୁ) ଗୁଜୁରାଟର ଶିଳ୍ପସଂସ୍ଥା ଗଢ଼ି ଉଠିବା ଫଳରେ ଆଜି ଗୁଜୁରାଟର ଆର୍ଥିକ ସ୍ଥିତି ମଜବୁତ୍ ହୋଇଛି । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଗୁଜୁରାଟର ଭଦୋଦରାରେ Indian Oil Corporationର Refinery ନେହେରୁଙ୍କ ଦ୍ୱାରା ଶିଳାନ୍ୟାସ ହୋଇଥିଲା । Gujurat State Fertiliser Company ୧୯୮୩ରେ ଗଢ଼ିଉଠିଥିଲା ବେଳେ Gujurat Narmada Valley Fertiliser Company ଏବଂ Indian Petro chemical Corporation ltd. ଦଶନ୍ଧି ଦଶନ୍ଧି ପୂର୍ବର । ୧୯୭୦ରେ ଗୁଜୁରାଟ ହୀରା କଟେଇ ଓ ପଲିସିଙ୍ଗରେ ବିଶ୍ୱର ମୁଖ୍ୟକେନ୍ଦ୍ର ଭାବେ ପରିଗଣିତ ହୋଇଥିଲା । ବୟନଶିଳ୍ପ ପାଇଁ ଗୁଜୁରାଟକୁ ଅତୀତରୁ "Manchester of the East" ର ଉପାଧି ମିଳିଛି । ବରଂ ମୋଦିଙ୍କ ସମୟରୁ (୨୦୦୧) ଗୁଜୁରାଟର ୬୨ଟି ସମବାୟ ସଂସ୍ଥା ରୁଗ୍ଣ କେବଳ ହୋଇନାହାଁନ୍ତି ବିନିଯୋଗକାରୀମାନେ ଗତ ୫ବର୍ଷରେ ୨୦୦୦ କୋଟି ଟଙ୍କା ହରେଇଛନ୍ତି । ଏହାର ମୁଖ୍ୟ କାରଣ ହେଲା ବିଜେପିର ବିଧାୟକ ଓ ମନ୍ତ୍ରୀମାନଙ୍କ ଦୁର୍ନୀତି । ଦୁଗ୍ଧ ବିପ୍ଳବ ଆଣିଥିବା ଭରଗିଜ୍ କୁରିଏନ୍‌ଙ୍କୁ Gujurat Co.op. milk marketing federationରୁ ଲଜ୍ଜାଜନକ ଭାବେ ବିଦା ହେବାକୁ ପଡ଼ିଛି ମୋଦିଙ୍କ ଶାସନ କାଳରେ ।

ଗୁଜୁରାଟ ସଂପର୍କରେ ପ୍ରଚାର କରାଯାଉଥିବା ମିଥ୍ୟା ଖବରର ଅନୁସନ୍ଧାନ କଲେ ଜଣାପଡ଼େ ଗୁଜୁରାଟର ବାର୍ଷିକ ଅଭିବୃଦ୍ଧି ୧୦.୦୮% ଯାହାକି ମହାରାଷ୍ଟ୍ର, ତାମିଲନାଡୁ ଓ ବିହାର ଠାରୁ କମ୍ । ୨୦୧୦–୧୧ରେ ଗୁଜୁରାଟର ମୁଣ୍ଡ ପିଛା ଆୟ ୭୫,୧୧୫ ଟଙ୍କା ଥିବାବେଳେ ଗୋଆର ୧,୬୮,୫୭୨ ଟଙ୍କା, ଦିଲ୍ଲୀର ୧,୫୦,୬୫୩ ଟଙ୍କା , ଚଣ୍ଡୀଗଡ଼ – ୧,୨୮,୬୩୪ ଟଙ୍କା , ପଣ୍ଡିଚେରୀ ୯୮,୭୧୯ ଟଙ୍କା , ହରିଆଣା ୯୪,୬୮୦ ଟଙ୍କା , ମହାରାଷ୍ଟ୍ର ୮୩,୪୭୧ ଟଙ୍କା , ସିକିମ୍‌ର ୮୧,୧୫୯ ଟଙ୍କା । ୨୦୧୧–୧୨ରେ ଯୋଜନା କମିଶନଙ୍କ ତଥ୍ୟ ଅନୁସାରେ ଗୁଜୁରାଟର ଦାରିଦ୍ର୍ୟ ହାର ୧୬.୬୩% ବେଳେ ୧୮ଟି ରାଜ୍ୟର ଦାରିଦ୍ର୍ୟ ହାର ଏହାଠୁଁ ଯଥେଷ୍ଟ କମ୍ । ଏପରିକି ଉତ୍ତରାଖଣ୍ଡରେ ୧୧.୨% ବେଳେ ସିକିମ୍‌ର ୮.୧୯% । CAGଙ୍କ ତଥ୍ୟ ଅନୁସାରେ ଗୁଜୁରାଟର ୩୩% ଶିଶୁ ପୁଷ୍ଟିହୀନତାର ଶିକାର ହେଉଛନ୍ତି । ଅନ୍ୟାନ୍ୟ ମାନବ ସୂଚକାଙ୍କରେ ଗୁଜୁରାଟର ସ୍ଥାନ ୧୧ତମ । ଉଚ୍ଚ ପ୍ରାଥମିକ ସ୍ତରରେ ସ୍କୁଲ ଛାଡ଼ିବା ହାର ଗୁଜୁରାଟରେ ୨୯.୩% ଯାହାକି ଜାତୀୟ ହାର (୬.୬%) ଠାରୁ ଢ଼େର ଅଧିକ ।

ଗଣମାଧ୍ୟମ ଗୁଜୁରାଟର ଅସଲ ଚେହେରାକୁ ସାମ୍ନାକୁ ନ ଆଣି ଗୋଏବେଲଙ୍କ ଭଳି ମିଥ୍ୟା ପ୍ରଚାର ପାଇଁ ବିଜେପିର ୧୫ ଜଣିଆ IT(Information Technology)cell କୁ ସହାୟତା କରୁଛି । ଏହି IT Cellର ମୁଖ୍ୟ ହେଉଛନ୍ତି ସଞ୍ଜୟ ଚୌଧୁରୀ । **ଆଜି ପୁଞ୍ଜିପତିମାନେ କଂଗ୍ରେସ ଉପରେ ଖୁସ୍ ନାହାଁନ୍ତି । କଂଗ୍ରେସକୁ ଆରୋପ ଲଗାଇ କହୁଛନ୍ତି ଯଦି କଂଗ୍ରେସ ଲୋକପାଲ ବିଲ୍ ଓ ଖାଦ୍ୟ ସୁରକ୍ଷା ବିଲ୍‌କୁ ପାଶ୍ କରାଇପାରିଲା ତେବେ ବୀମା ବିଧେୟକ ବିଲ୍ କାହିଁକି ପାଶ୍ ହୋଇପାରିଲା ନାହିଁ । ତେଣୁ FICCIର ସଭାରେ ମୋଦି ପୁଞ୍ଜିପତିଙ୍କୁ କହିଛନ୍ତି ଏବେ ଆପଣଙ୍କ ସମୟ ଆସିଗଲା ।** ତେଣୁ ଗୋଏବେଲଙ୍କ କ୍ଲୋନିଂ ନରେନ୍ଦ୍ର ମୋଦିଙ୍କୁ ସବକ୍ ଶିଖାଇବାକୁ ପଡ଼ିବ । କର୍ପୋରେଟ୍ ମିଡ଼ିଆ ୫ଟି ରାଜ୍ୟର ନିର୍ବାଚନକୁ ସେମି ଫାଇନାଲ ବୋଲି ପ୍ରଚାର କରି ବାକି ଭାରତବର୍ଷରେ ଏହାର ନକଲ ହେବ ବୋଲି ପ୍ରଚାର କରୁଛନ୍ତି । ଏହା କିନ୍ତୁ ମୋଦିଙ୍କ ଦିବା ସ୍ୱପ୍ନ । ଦିଲ୍ଲୀର ନିର୍ବାଚନ ସୂଚନା ବହନ କରେ ଯେ ଅଣ କଂଗ୍ରେସ ଅଣ ବିଜେପିର ବିକଳ୍ପ ସନ୍ଧାନରେ ଲୋକେ ଅଛନ୍ତି । ବାମପନ୍ଥୀ ଓ ଅନ୍ୟାନ୍ୟ ଆଞ୍ଚଳିକ ଦଳକୁ ନେଇ ତୃତୀୟ ସାମ୍ମୁଖ୍ୟ କେନ୍ଦ୍ରରେ ସରକାର ଗଠନ କରିବାର ଯଥେଷ୍ଟ ସମ୍ଭାବନା ରହିଛି । ଏ ଦିଗରେ ଆମେ ଆମର ଭୂମିକା ସଠିକ୍ ଭାବେ ନିଭେଇ ପାରିଲେ ଗୋଏବେଲଙ୍କ କ୍ଲୋନିଂ ନରେନ୍ଦ୍ର ମୋଦିଙ୍କ ଫାଶୀବାଦକୁ କବର ଦେଇପାରିବା ।

*Printed & Published by **Golak Bihari Maharaj**, C/o. - LICI , D.O. , Cuttack - 1 for Bima Karmachari*
*at Bani Press , Cuttack - 8 , Editor - **Santosh Kumar Mohapatra, Mob. : 9437208762, E-mail :skmohapatra67@gmail.com***